ଧରିତ୍ରୀ
DHARITRI
November 7-13, 2021 ₹ 2/-

# ଛୁଟିଦିନ



# ଅବସର ପରେ...

୩
ପ୍ରଚ୍ଛଦ ପ୍ରସଙ୍ଗ

ବର୍ଷ ବର୍ଷର ଧାଁ ଦୌଡ ଜୀବନ ପରେ ବୟସର ଅପରାହ୍ଣରେ ମିଳେ ଅବସର। ହେଲେ କେତେଜଣ କର୍ମନିଷ୍ଠ ବ୍ୟକ୍ତି ବୟସକୁ , ଅବସରକୁ ପଛରେ ପକାଇ କରିଚାଲନ୍ତି ନିରନ୍ତର କାମ। ଯେଉଁଥିପାଇଁ ସେମାନେ ଅନ୍ୟମାନଙ୍କ ପାଖରେ ପାଲଟି ଯାଆନ୍ତି ଉଦାହରଣ..



୧୩
ସହରଠୁ ଦୂର



୪

# ଝାଡ଼ୁ କରିବାକୁ ନେଇ ନିୟମ

**ଘରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ପ୍ରତ୍ୟେକ ଦିନ ଆମେ ଝାଡ଼ୁ କରିଥାଉ। କିନ୍ତୁ ଜ୍ୟୋତିଷଶାସ୍ତ୍ର ଏବଂ ପୌରାଣିକ ମତାନୁସାରେ, ଝାଡ଼ୁ କରିବାକୁ ନେଇ ବି ରହିଛି କିଛି ନିୟମ; ଯାହାକୁ ମାନିଲେ ଘରେ ସୁଖଶାନ୍ତି ବୃଦ୍ଧି ହୋଇଥାଏ ଆଉ ନ ମାନିଲେ ଘରେ କି କି ଅସୁବିଧା ହୁଏ ଆସନ୍ତୁ ଜାଣିବା ସେ ସମ୍ପର୍କରେ...**



*ଝାଡ଼ୁ କରିବା ସମୟରେ ନୀରବ ହୋଇ ଝାଡ଼ୁ କରିବା ଦରକାର। ଗପସପ ହୋଇ ଝାଡ଼ୁ କଲେ ବେଳେବେଳେ ଧ୍ୟାନ ଏପଟ ସେପଟ ହେବାଦ୍ୱାରା ଘରର କିଛି କିଛି ସ୍ଥାନରେ ଧୂଳି ରହିଯାଏ; ଯାହା କି ମହାଲକ୍ଷ୍ମୀଙ୍କୁ ଆଦୌ ଭଲ ଲାଗେ ନାହିଁ। ସେହିପରି ଅନ୍ୟମନସ୍କ ହେବା ଫଳରେ ବେଳେବେଳେ କିଛି ଜରୁରୀ କାଗଜପତ୍ର ଓଳେଇ ହୋଇ ବାହାରକୁ ଚାଲିଯାଏ; ଯଦ୍ଦ୍ୱାରା ପଛରେ ପସ୍ତେଇବାକୁ ପଡ଼େ। ସେଥିପାଇଁ ଝାଡ଼ୁ କରିବା ସମୟରେ ଯେତେ ଚୁପ୍ ଚାପ୍ ହୋଇ କାମ କରିବେ ସେତେ ଭଲ।

*ରାତିରେ ଘରକୁ ଆଦୌ ଝାଡ଼ୁ କରିବା ଉଚିତ ନୁହେଁ। ଯଦି କରୁଥାନ୍ତି ତା'ହେଲେ ଭୁଲ୍‌ରେ ବି ଘରର ଅଳିଆ ବାହାରକୁ ନ କାଢ଼ି ଘରର କୌଣସି କୋଣରେ ରଖି ଦିଅନ୍ତୁ। ପରଦିନ ସକାଳେ ଘର ଓଳାଇ ସବୁ ଅଳିଆକୁ ସଫା କରିଦିଅନ୍ତୁ; ଏହାଦ୍ୱାରା ଘର ପରିଷ୍କାର ହୋଇଯିବ ଆଉ ଶାନ୍ତି ବି ଲାଗିବ।

* ସେହିପରି ପୂଜା କରି ସାରିବା ପରେ, ଭୋଜନ କରିବା ପରେ କିମ୍ବା ସନ୍ଧ୍ୟା ଦେଇସାରିବା ପରେ ଘରେ ଆଦୌ ଝାଡ଼ୁ କରିବା ଠିକ୍ ନୁହେଁ। ଅନ୍ୟପକ୍ଷେ ଘରର କୌଣସି ସଦସ୍ୟ କାମରେ ବାହାରି ଯିବା ପରେ ସଙ୍ଗେସଙ୍ଗେ ଘରେ ଝାଡ଼ୁ କରିବା ବି ଉଚିତ୍ ନୁହେଁ। ଏହାଦ୍ୱାରା ବ୍ୟକ୍ତିଙ୍କର କର୍ମରେ ବାଧା ଉପୁଜିବାର ସମ୍ଭାବନା ରହିଥାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ନଭେମ୍ବର ୭-୧୩

**ମେଷ**



କାମରେ ସଫଳତା, ଯାତ୍ରାରେ ମିତ୍ରତା, ମୂଲ୍ୟବାନ ଦ୍ରବ୍ୟ ଲାଭ, କାର୍ଯ୍ୟସିଦ୍ଧିରେ ପ୍ରତିବନ୍ଧକ, ଅଯଥା ଟେନ୍‌ସନ ବଢ଼ିବ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ଜମିଜମା ବିବାଦ, ଭ୍ରମଣ ସୁଯୋଗ ପ୍ରାପ୍ତି, କଳାପ୍ରିୟ ହେବେ, ଆର୍ଥିକ ସଙ୍କଟ।

**ବୃଷ**



ସମସ୍ୟାର ସମାଧାନ, ମୂଲ୍ୟବାନ ଦ୍ରବ୍ୟ ଲାଭ, ନୂତନ କର୍ମାରମ୍ଭ, ସ୍ୱାସ୍ଥ୍ୟରେ ଉନ୍ନତି, ପାରିବାରିକ ସମସ୍ୟା, ପଡ଼ୋଶୀଙ୍କ ସହୃଦୟତା, ସମ୍ପର୍କରେ ବାଧା, ନିୟନ୍ତ୍ରିତ ସ୍ୱାସ୍ଥ୍ୟ, ଲେଖାପଢ଼ାରେ ରୁଚି।

**ମିଥୁନ**



ଉନ୍ନତମାନର ଫଳ, ନୂତନ ଦାୟିତ୍ୱ ନେବେ, ସମ୍ପର୍କୀୟଙ୍କ ସହ ମିତ୍ରତା, ବସ୍ତ୍ରଭୂଷଣ ପ୍ରାପ୍ତି, ସୁଖଭ୍ରମଣ, ଗୃହରେ କଳହ, ବନ୍ଧୁ କ୍ଷୁବ୍ଧ ହେବେ, ଶାରୀରିକ ଅସୁସ୍ଥି, ମାନସିକ ଅସ୍ଥିରତା, ଯାତ୍ରା ସଫଳ ହେବ।

**କର୍କଟ**



ସମାଲୋଚିତ ହେବେ, ମନମାରି ରହିବେ, ଧାର କରଜ କରିବେ, କୃତକାର୍ଯ୍ୟ ହେବେ, ଦୂରଯାତ୍ରା କରିପାରନ୍ତି, ବନ୍ଧୁଙ୍କ ପରାମର୍ଶ ମିଳିବ, ରାଜକୀୟ ସମ୍ମାନ ପାଇବେ, ଅପରିଚିତଙ୍କ ସହ ମିତ୍ରତା, ଅର୍ଥଲାଭ, ବିବାଦରେ ପଶନ୍ତୁ ନାହିଁ।

**ସିଂହ**



ସ୍ୱାସ୍ଥ୍ୟରେ ଉନ୍ନତି, ବନ୍ଧୁ ସମ୍ପର୍କରେ ଦୃଢ଼ତା, କଳାପ୍ରିୟ ହେବେ, ଅତିଥି ଚର୍ଚ୍ଚାରୁ ଆନନ୍ଦ, କାର୍ଯ୍ୟ ସମ୍ପୂର୍ଣ୍ଣ କରିବେ, ଭୁଲ୍ ବୁଝାମଣାରୁ କଳହ, ହତାଶାବୋଧ କରିପାରନ୍ତି, ସମ୍ମାନିତ ହେବେ, ଆଶା ପୂରଣ ହେବ।

**କନ୍ୟା**



ବନ୍ଧୁଙ୍କ ସଦ୍‌ଭାବ, ଯାତ୍ରାରେ ସଫଳତା, ଅଧିକ ଧନ ପାଇବେ, କାମ ଅଟକିବ ନାହିଁ। ଉଚ୍ଚସମ୍ମାନ ମିଳିବ, ଦୁର୍ଭାବନା ବଢ଼ିଚାଲିବ, ବାଣିଜ୍ୟରେ ପ୍ରତିବନ୍ଧକ, ସହକର୍ମୀଙ୍କ ଅସହଯୋଗ, ଶ୍ରମଜନିତ କ୍ଳାନ୍ତି।

**ତୁଳା**



ନୂତନ କାର୍ଯ୍ୟାରମ୍ଭ, ବନ୍ଧୁଙ୍କ ସାହାଯ୍ୟ, ବନ୍ଧୁଙ୍କ ସୁସ୍ଥ ମାନସିକତା, ଦ୍ୱନ୍ଦ୍ୱର ଅବସାନ, ବ୍ୟବସାୟରେ ସଫଳତା, ଲୋକ ସମ୍ପର୍କବୃଦ୍ଧି, ସଭାସମିତିରେ ଆଲୋଚନା, ବିତର୍କ ସୃଷ୍ଟି ହେବ, ବନ୍ଧୁ ଅସହଯୋଗ, ମକଦ୍ଦମାରୁ ଚିନ୍ତା, ଶୁଭଖବର ପାଇବେ।

**ବିଛା**



ଅର୍ଥ ଓ ସମ୍ମାନ ଲାଭ, ଆତ୍ମୀୟଙ୍କ ଅନାଦର, ପାରିବାରିକ କଳହ, ସୁଯୋଗ ହାତଛଡା ହେବ, ପାରିବାରିକ ସମସ୍ୟା, ଅନଟନ ଲାଗିରହିବ, ପରିସ୍ଥିତିକୁ ସମ୍ଭାଳି ନେବେ, ଆମୋଦ ପ୍ରମୋଦ, ପଦମର୍ଯ୍ୟାଦା ବୃଦ୍ଧି, ଯୁକ୍ତିତର୍କ କରନ୍ତୁ ନାହିଁ।

**ଧନୁ**



ଯୋଜନାବଦ୍ଧ କାମ, ବନ୍ଧୁ ସାହାଯ୍ୟ, ଭ୍ରମଣ ଓ କାର୍ଯ୍ୟସିଦ୍ଧି, ପରିବାରର ସମର୍ଥନ, ମନଟା ବିଗିଡ଼ିଯିବ, ସ୍ତ୍ରୀଙ୍କ ଅଭିଯୋଗ, ଟେନସନ୍ ବଢ଼ିପାରେ, ଠକାମିରେ ପଡ଼ିପାରନ୍ତି, ସାମ୍ବାଦିକତାରୁ ଗୌରବ।

**ମକର**



ଲକ୍ଷ୍ୟହାସଲ କରିବେ, ଭ୍ରମଣ ସୁଖ ମିଳିବ, ରାଜନୈତିକ ବିବାଦ, ଅଶାନ୍ତିକର ପରିବେଶ, ଅପମାନିତ ହୋଇପାରନ୍ତି, ଜମିଜମା କଳହ, ସନ୍ତାନଙ୍କ କାମରେ ଅସନ୍ତୁଷ୍ଟ, କରଜଦାତାଙ୍କ ଚାପ।

**କୁମ୍ଭ**



ଅଭିଯୋଗ ଆସିପାରେ, ବନ୍ଧୁ ସାହାଯ୍ୟ ପାଇବେ, ପ୍ରତୀକ୍ଷିତ ଖବରପ୍ରାପ୍ତି, ବ୍ୟବହାରରେ ପରିବର୍ତ୍ତନ, ଡାକ୍ତରଙ୍କ ପରାମର୍ଶ, ନୂତନ ଯୋଜନାରମ୍ଭ, କଚେରି ମାମଲାରେ ବିଜୟ, ଋଣ ପରିଶୋଧ, ସାଂସ୍କୃତିକ କାର୍ଯ୍ୟକ୍ରମ।

**ମୀନ**



କାର୍ଯ୍ୟସିଦ୍ଧି, ଆର୍ଥିକ ଅନଟନ, ଆତ୍ମୀୟଙ୍କ ପାଇଁ ଚିନ୍ତା, ବିପଦ ମୁକ୍ତ ହେବେ, ହସଖୁସିରେ ବୁଲିବେ, ଅପ୍ରିୟ ସତ୍ୟରୁ ବିରୋଧୀ, ଭ୍ରମଣ ଓ କାର୍ଯ୍ୟସିଦ୍ଧି, ପରୀକ୍ଷାରେ ସଫଳତା, ବକେୟା ଅର୍ଥଲାଭ, ଜମିଜମା କାରବାରରେ ଉନ୍ନତି, ଶୁଭଖବର ପାଇବେ ।

# ପିଜୁଳିର ଉପକାରିତା

ପିଜୁଳିରେ ପ୍ରଚୁର ପରିମାଣରେ ଭିଟାମିନ୍ସ ଓ ମିନେରାଲ୍ସ ଭରି ରହିଥାଏ। ଏହାକୁ ନିୟମିତ ବ୍ୟବଧାନରେ ସେବନ କରିବା ଦ୍ୱାରା ଆମ ଶରୀରକୁ ଅନେକ ଉପକାର ମିଳିଥାଏ। ଯେମିତି କି: ଏଥିରେ ଥିବା ପୋଟାସିୟମ୍ ଓ ମ୍ୟାଗ୍‌ନେସିୟମ୍ ଆମର ହୃତ୍‌ପିଣ୍ଡ ଏବଂ ମାଂସପେଶୀକୁ ମଜଭୁତ ରଖିବା ସହ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ସେହିପରି କୁହାଯାଏ, ଏହାକୁ ନିୟମିତ ସେବନ କରିବା ଦ୍ୱାରା ଥଣ୍ଡା, କାଶଜନିତ ସମସ୍ୟା ଖୁବ୍ କମ୍ ଦେଖାଯାଇଥାଏ। ଅନ୍ୟପକ୍ଷେ ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍ ଏ ଏବଂ ଭିଟାମିନ୍ କେ ଥିବାରୁ, ଏହାକୁ ଖାଇଲେ ଚୁଟି ମଜଭୁତ ହେବା ସହ ଆଖି ମଧ୍ୟ ସୁସ୍ଥ ରହିଥାଏ। ତା'ଛଡ଼ା ପିଜୁଳିରେ ବିଟାକାରୋଟିନ୍ ଥିବାରୁ ଏହା ଆମକୁ ଚର୍ମ ରୋଗରୁ ବି ମୁକ୍ତି ଦେଇଥାଏ। କୋଷ୍ଠ କାଠିନ୍ୟ ସମସ୍ୟା ପାଇଁ ବି ପିଜୁଳି ଖୁବ୍ ଉପକାରୀ। ନିୟମିତ ପିଜୁଳି ଖାଇବା ଦ୍ୱାରା କୋଷ୍ଠ କାଠିନ୍ୟ ସମସ୍ୟା ବି ଧୀରେ ଧୀରେ ଭଲ ହୋଇଯାଇଥାଏ। ସେହିପରି କୁହାଯାଏ ନିୟମିତ ପିଜୁଳି ଖାଇଲେ ପାଟି ଘା' ହେବାର ଆଶଙ୍କା ଖୁବ୍ କମ୍ ରହିଥାଏ। ଏପରି କି ଏହା ଶରୀରରେ ଥିବା କୋଲେଷ୍ଟ୍ରୋଲ୍ ପରିମାଣକୁ ମଧ୍ୟ ନିୟନ୍ତ୍ରଣରେ ରଖିଥାଏ।



# ପାଠକୀୟ

*ପଶୁପକ୍ଷୀଙ୍କୁ ସୁରକ୍ଷା ଦେବା ପାଇଁ ଦେଶର ବିଭିନ୍ନ ସ୍ଥାନରେ ରହିଛି ଅଭୟାରଣ୍ୟ ଆଉ ସେମାନଙ୍କୁ ଶିକାର ନ କରିବାକୁ ଜାରି କରାଯାଇଛି ଅନେକ ନିୟମକାନୁନ। ହେଲେ ଏମିତି ବି କିଛି ସ୍ଥାନ ଅଛି ଯେଉଁଠି ନା ଅଛି ଅଭୟାରଣ୍ୟ ନା ପ୍ରାଣୀ ଶିକାରକୁ ନେଇ ସେଠାରେ ରହିଛି କିଛି ନିୟମ। ବରଂ ଏଠାରେ ଏମାନଙ୍କର ହିଁ ରାଜୁତି ଚାଲିଛି। ତେଣୁ ଏଭଳି ଏକ ନିଆରା ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଏଇଠି ଚାଲେ ଏମାନଙ୍କ ରାଜୁତି' ଏକ ସମୟୋପଯୋଗୀ ଆଲେଖ୍ୟ ଥିଲା। 'ଗୁଣକାରୀ ତୁଳସୀ' ଏବଂ 'ଲବଙ୍ଗର ଉପକାରିତା' ଆଦି ପାଠଦୁଇଟିରୁ ଅନେକ କିଛି ଶିଖିବାକୁ ମିଳିଲା।

***–ମମତା ସାହୁ, ବୋମିଖାଲ, ଭୁବନେଶ୍ୱର***

*ଉକ୍ତ ସଂଖ୍ୟାର ଛୁଟିଦିନରେ ପ୍ରକାଶିତ ପ୍ରଚ୍ଛଦ ପ୍ରସଙ୍ଗ 'ଏଇଠି ଚାଲେ ଏମାନଙ୍କ ରାଜୁତି' ଏକ ନିଆରା ଆଲେଖ୍ୟ ଥିଲା। ପଶୁପକ୍ଷୀମାନେ ସ୍ୱାଚ୍ଛନ୍ଦ୍ୟରେ ବଞ୍ଚିବାକୁ ଚାହାନ୍ତି। ତେଣୁ ଯେଉଁଠି ବନ୍ଦୀ ଜୀବନ ନଥିବ ଅବା ପଶୁ ଶିକାରର ଭୟ ନଥିବ ସେଇଟା ହିଁ ସେମାନଙ୍କ ପାଇଁ ସ୍ୱର୍ଗ। ତେଣୁ ସ୍ୱର୍ଗସମ ସ୍ଥାନରେ ରାଜୁତି କରି ବଞ୍ଚୁଥିବା ଏହି ନିରୀହ ପ୍ରାଣୀମାନଙ୍କୁ ନେଇ ପ୍ରସ୍ତୁତ ପ୍ରଚ୍ଛଦ ପ୍ରସଙ୍ଗ 'ଏଇଠି ଚାଲେ ଏମାନଙ୍କ ରାଜୁତି' ଟି ମୋ ମନକୁ ବେଶ୍ ଛୁଇଁଗଲା। 'ମିସ୍‌ମ୍ୟାଚ୍ ସୁଜ୍ ଟ୍ରେଣ୍ଡ' ସମ୍ପର୍କରେ ବି ଅନେକ ନୂଆ କଥା ଜାଣିବାକୁ ମିଳିଲା।

***–ସନ୍ତୋଷ ଜେନା, ବଲାଙ୍ଗୀର***

*ଏଥରର ବ୍ୟକ୍ତିତ୍ୱ ପୃଷ୍ଠାରୁ ନୃସିଂହ ଚରଣ ସାହୁ (ଜହୁରୀ ଭାଇ)ଙ୍କ ଜୀବନି ସମ୍ପର୍କରେ ଅନେକ ଅଜଣା କଥା ଜାଣିବାକୁ ମିଳିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଦେବୀ' ନାମକ ଗପଟି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। ସେହିପରି 'ମୌଳବାଦୀ' ଓ 'ଘର' ନାମକ କବିତା ଦୁଇଟି ବି ଅତି ମର୍ମସ୍ପର୍ଶୀ ଥିଲା। ଅନ୍ୟପକ୍ଷେ ସିନେମା ପୃଷ୍ଠାଟି ମଧ୍ୟ ଖୁବ୍ ଆକର୍ଷଣୀୟ ଲାଗୁଥିଲା। ଖାସ୍ କରି ଏଥିରେ ସ୍ଥାନିତ ବାଣୀ କପୁର, ଜ୍ୟାକ୍‌ଲିନ୍ ଫର୍ନାଣ୍ଡିସ୍‌ଙ୍କ ଫଟୋ ଖୁବ୍ ସୁନ୍ଦର ହୋଇଥିଲା।

***–ମାଳବିକା ଚୌଧୁରୀ, କୁହୁଡି, ଖୋର୍ଦ୍ଧା***

*ଉକ୍ତ ସଂଖ୍ୟାର ପ୍ରଥମ ରୋଜଗାର ସ୍ତମ୍ଭରୁ ଚକ୍ଷୁ ଚିକିତ୍ସକ ତଥା କବି ନିରଞ୍ଜନ ରାଜଙ୍କ ରୋଜଗାର ସମ୍ପର୍କିତ ଆଲେଖ୍ୟଟି ବେଶ୍ ମନଛୁଆଁ ଲାଗୁଥିଲା। ସେହିପରି ସାଥୀର ଉତ୍ତର ଗୁଡ଼ିକ ବି ଖୁବ୍ ରୋମାଣ୍ଟିକ୍ ହୋଇଥିଲା। ଅନ୍ୟପକ୍ଷେ 'ମାଟି କଣ୍ଢେଇ କାରିଗରି' ପାଠଟି ବି ଏକ ସମୟୋପଯୋଗୀ ବିଷୟ ଥିଲା। ମଡେଲ୍ ମିରର୍‌ରେ ନଗଜା ବେଶ୍ ସୁନ୍ଦରୀ ଲାଗୁଥିଲେ।

***–ଜୟନ୍ତୀ ରଥ, ଜିଜିପି କଲୋନୀ, ଭୁବନେଶ୍ୱର***

## ବିଶେଷ ଚିଠି



ଛୁଟିଦିନ ଆହେ ଛୁଟିଦିନ
ଶିକ୍ଷା, ଦୀକ୍ଷାରେ ତୁମେ ପରିପୂର୍ଣ୍ଣ।
ଷୋହଳ ପୃଷ୍ଠାରେ ତୁମେ ଆସିଥାଅ
ପ୍ରତି ପୃଷ୍ଠାରେ କିଛି ନୂଆ କଥା ଲେଖିଥାଅ।
ପାଠକଙ୍କୁ ଭେଟି ଦେବା ପାଇଁ
ରବିବାରେ ଆସ ତୁମେ ସଜବାଜ ହୋଇ।
ଏତିକି କରୁଛି ତୁମ ପାଖେ ଅଳି
ସଦୟ ହୁଅନ୍ତୁ ସର୍ବଦା ତୁମକୁ ମହାକାଳୀ।

***–ଅଭିନାଶ ମହାନ୍ତି,***
***ୱାଟର୍ ୱାର୍କ୍ସ ରୋଡ୍, ପୁରୀ***

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ଅବସର ପରେ...



**ଜୀବନ କର୍ମମୟ । କର୍ମ ହିଁ ଜୀବନ । ତେଣୁ ମଣିଷ କାମ କରେ । ହେଲେ ବୟସର ଅପରାହ୍ଣରେ ପହଞ୍ଚିଲାପରେ ଧାଁ ଦଉଡ଼ ଜୀବନରୁ ସେ ନିଏ କିଛିଟା ବିରତି । ତେବେ କେତେଜଣ ବ୍ୟକ୍ତି ବିଶ୍ୱାସ କରନ୍ତି ଭାଗବତ ଗୀତାରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଥିବା–'କର୍ମଣ୍ୟେୱାଧିକାରସ୍ତେ ମା ଫଳେଷୁ କଦାଚନ' ବଚନକୁ। ତେଣୁ ସେମାନେ ଅବସର ପରେ ବି କରିଚାଲନ୍ତି କର୍ମ। ଆଉ ପ୍ରତି ବଦଳରେ ରଖନ୍ତି ନାହିଁ ଫଳର ଆଶା...**

**ଭାଗବତ ଟୁଙ୍ଗି ପ୍ରତିଷ୍ଠା, ଶବଦାହ ଓ ମାଗଣା ଶିକ୍ଷାଦାନରେ କଟୁଛି ଅବସର:** ଅବସର ପୂର୍ବରୁ ଅବସର ନେଇ ନାନା ଆର୍ଥିକ ସମସ୍ୟା ଦେଇ ଗତି କରୁଥିଲେ ହେଁ ତାରି ଭିତରେ ସେ ଖୋଜି ପାରିଥିଲେ ସମାଜ ସେବାର ବାଟ । ସେ ହେଉଛନ୍ତି ଲେଖକ ତଥା ସମାଜସେବୀ ବଦ୍ରୀ ମିଶ୍ର। ସେ କୁହନ୍ତି,'ମୋ ଘର ପୁରୀ ଦୋଳମଣ୍ଡପ ସାହି, ମନ୍ଦିର ମାର୍ଗରେ। ବନ ବିଭାଗରେ ବଡ଼ବାବୁଭାବେ ଚାକିରି କରୁଥିଲି। ବୟସ ଅନୁଯାୟୀ ଚାକିରିରେ ଥିଲେ ଅବସର ନେଇଥାନ୍ତି ଫେବୃୟାରୀ ୨୦୧୯ରେ। ହେଲେ ୨୦୦୪ରେ କୋରାପୁଟର, ନବରଙ୍ଗପୁରକୁ ମୋର ବଦଳି ହୋଇଯାଇଥିଲା। ପିଲାଙ୍କ ପଢ଼ାରେ ଅସୁବିଧା ହେବ ଭାବି ନବରଙ୍ଗପୁର ଅଫିସରେ ଆଉ ଯୋଗ ଦେଲିନି। ସେଦିନ ଥିଲା ମୋ ଅବସରର ପ୍ରଥମ ଦିନ। ଏଭଳି ଚାକିରି ଛାଡ଼ିଥିବାରୁ ମିଳିଲାନି ଗ୍ରାଚ୍ୟୁଟି କି ପେନ୍‌ସନ୍। ସେତେବେଳେ ପ୍ରୋଭିଡେଣ୍ଟ ଫଣ୍ଡରେ ଥିଲା ମାତ୍ର ୧୭ ଟଙ୍କା। ମୁଣ୍ଡ ଗୁଞ୍ଜିବାକୁ ଘରଟେ ବ୍ୟତୀତ ନା ଥିଲା ଜମିବାଡ଼ି କି ଭଡ଼ାଘର ଦେବାକୁ ଅଧିକ ଘର। ଅନେକ ଡିଗ୍ରୀଧାରଣ କରି ଉଚ୍ଚଶିକ୍ଷିତ ଥିବାରୁ ସହରରେ ଛୋଟମୋଟ କାମ କରିବାକୁ ଭଲ ଲାଗି ନ ଥିଲା। ଏଣେ ପରିବାର ଭରଣପୋଷଣ କରିବା କଷ୍ଟକର ହୋଇପଡୁଥିଲା। ଏମିତି ବି ସମୟ ଆସିଥିଲା, ଇଚ୍ଛା ହେଉଥିଲା ଆତ୍ମହତ୍ୟା କରିବାକୁ। ଶେଷରେ ସମାଜ, ଆତ୍ମୀୟସ୍ୱଜନଙ୍କଠାରୁ ଦୂରେଇ ନାଉଗାଁ, ଯାଜପୁର କଳିଙ୍ଗନଗର ଯାଇ ମୂଲ ଲାଗିବାକୁ ପଡ଼ିଲା। ଦିନରେ କାମ କରି ରାତିରେ ଭାଗବତ ଟୁଙ୍ଗିରେ ଶୋଉଥିଲି। ମଝିରେ ମଝିରେ ଘରକୁ ଆସୁଥିଲି। ଖରାପ ଲାଗୁଥିଲା ମୂଲ ଲାଗିବାକୁ କିନ୍ତୁ ପରିବାର ଚଳାଇବା ପାଇଁ ବାଧ ହେଲି ଏହି କାମ କରିବାକୁ। ତେବେ ପ୍ରଭୁ ଶ୍ରୀ ଜଗନ୍ନାଥ ଅନେକ ସମୟରେ ବିଭିନ୍ନ ମାଧ୍ୟମରେ ସାହାଯ୍ୟ କରିଛନ୍ତି। ଯେମିତି କି ଝିଅ ବାହାଘର ବେଳେ ଏମିତି ପରିସ୍ଥିତି ହୋଇଥିଲା ଯେ ହଠାତ୍ ଜଣେ ୪ ଲକ୍ଷ ଟଙ୍କା ଦେଇଥିଲେ ସୁନା କିଣିବାକୁ। ପୁଅ ବାହାଘର ବେଳେ ବି ସେମିତି କିଛି ଚମତ୍କାର ଘଟିଥିଲା। ବଡ଼ ବଡ଼ ଅସୁବିଧା ସମୟରେ ମହାପ୍ରଭୁ ମତେ ବାଟ କଢ଼େଇ ନେଇଛନ୍ତି। ଏଇ ସଫାରି ପିନ୍ଧା, ମୋଟର ସାଇକେଲ ଚଳାଉଥିବା ମଣିଷ ଯେ ଦୀର୍ଘ ୧୭ ବର୍ଷ ହେବ ମୂଲ ଲାଗି ପରିବାର ଚଳଉଛି ଅନେକେ ବିଶ୍ୱାସ ନ କରିପାରନ୍ତି। ହେଲେ ମୁଁ କେତେବେଳେ ଇଟା ବୁହେ ତ କେତେବେଳେ ପରିବା ବିକେ। କେତେବେଳେ କମାରଶାଳରେ ଲୁହା ବାଡ଼ାଏ। ପୁଣି କେତେବେଳେ ବାଉଁଶ କାଟେ। ଏବେ ବୟସ ୬୩ ହେଲାଣି। ଆମେ ସ୍ୱାମୀ ସ୍ତ୍ରୀ ଦୁଇ ପ୍ରାଣୀଙ୍କ ଖର୍ଚ୍ଚ ପରେ ଯାହା ବଳିଯାଏ ସେଥିରେ କିଣାହୁଏ ଗଛ, ବହି ଖାତା, ଭାଗବତ। ସମଗ୍ର ଓଡ଼ିଶା ବୁଲି ମାଟିଖୋଳେ, ଗଛ ଲଗାଏ ଓ ଗଛ ବଢ଼ାଏ। ଏବେ ସେ ଗଛର ସଂଖ୍ୟା ହେଲାଣି ୧ ଲକ୍ଷ ୧୧ ହଜାର ୮୨(୨୪।୯।୨୦୨୧ସୁଦ୍ଧା)। ଏଥିପାଇଁ ମିଳିଛି ନାଲ୍‌କୋ ସମ୍ମାନ ଓ ବିଜୁ ପଟ୍ଟନାୟକ ରାଜ୍ୟ ପୁରସ୍କାର। କେବଳ ଗଛ ନୁହେଁ, ଗରିବ ଖଟିଖିଆ ମଣିଷର ମେଧାବୀ ପୁଅ-ଝିଅଙ୍କୁ ମୁଁ ପାଠ ପଢ଼ାଏ। ସେମାନଙ୍କୁ ମୋର ବଳକା ଅର୍ଥରେ ବହି ଖାତାଠାରୁ ଆରମ୍ଭ କରି ସ୍କୁଲ ଫି' ଦିଏ। ଏବେ ଏଭଳି ପିଲାଙ୍କ ସଂଖ୍ୟା ହେଲାଣି ୧୦୮୬। ତନ୍ମଧ୍ୟରୁ ଅନେକେ ଚାକିରି କଲେଣି। ଏଥିପାଇଁ ମିଳିଛି ମୁଖ୍ୟମନ୍ତ୍ରୀଙ୍କଠାରୁ ପୁରସ୍କାର। ମୋର ଅନ୍ୟ ଏକ ନିଶା ଶବଦାହ କରିବା। ଭଜନ ସମ୍ରାଟ ଭିକାରୀ ବଳଙ୍କଠାରୁ ଆରମ୍ଭ କରି ରଘୁନାଥ ପାଣିଗ୍ରାହୀ, ଅକ୍ଷୟ ମହାନ୍ତିଙ୍କ, ଗୀତିକାର ଗୁରୁକୃଷ୍ଣ ଗୋସ୍ୱାମୀଙ୍କ ଶବଦାହ କରିଛି। ତା'ସହ ଅଜଣା ଦୁର୍ଘଟଣାଗ୍ରସ୍ତ ମଣିଷ ଓ ଡାକ୍ତରଖାନାର ଅଚିହ୍ନା ରୋଗୀଙ୍କ ଶବଦାହ ବି କରେ। ଏଥିପାଇଁ କିଣେ କାଠ, ଘିଅ ଓ ଝାଉଁ ବରଡ଼ା। ଏହି ଶବଦାହ ସଂଖ୍ୟା ୧୧୨୬ରେ ପହଞ୍ଚିଲାଣି। ଏହି କାମ ପାଇଁ ମିଳିଛି ରାଜ୍ୟ ସମାଜସେବା ପୁରସ୍କାର। ଏହାବ୍ୟତୀତ ଗାଁରେ ଭାଗବତ ଟୁଙ୍ଗୀ ଓ ରାଜ୍ୟ ବାହାରେ ବି ଭାଗବତ ଟୁଙ୍ଗୀ ପ୍ରତିଷ୍ଠା କରିଛି। ୨୮।୮।୨୦୧୧ ସୁଦ୍ଧା ଓଡ଼ିଶାରେ ୬୮୭ଟି ଭାଗବତ ଟୁଙ୍ଗୀ ଓ ଦିଲ୍ଲୀ, ରାଜସ୍ଥାନ, ପଞ୍ଜାବ, ହରିୟାଣା, ଜମ୍ମୁ ଓ ହିମାଚଳ ପ୍ରଦେଶ ଭଳି ୬ଟି ରାଜ୍ୟରେ ହୋଇପାରିଛି ଭାଗବତ ଟୁଙ୍ଗୀ। ଏଥିପାଇଁ କିଣେ ଭାଗବତ ଓ ମାଇକ ସେଟ୍। ଯେବେ କିଛି କାମ ନ ମିଳେ ଗାଁ ଗାଁ ବୁଲି ରକ୍ତଦାନର ସଚେତନତା ବାର୍ତ୍ତା ପ୍ରଚାର କରେ। ରକ୍ତଦାନ ଶିବିର ଆୟୋଜନ କରେ। ଏଯାଏ ୨।୧୦।୨୦୨୧ ସୁଦ୍ଧା ୪୭୦ଟି ରକ୍ତଦାନ ଶିବିର କରିଛି ଓ ନିଜେ ୧୦୬ ଥର ରକ୍ତଦାନ କରି ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କଠାରୁ ପୁରସ୍କାର ପାଇଛି। ଏହାଛଡ଼ା ଯେଉଁଦିନ ଅଧିକ ଶ୍ରମ କରେ ସେଦିନ ରାତିରେ ଗୀତି କବିତା ଲେଖେ। ଏ ଯାଏଁ ୮୦୨ଟି ଗୀତି କବିତା ମୋର ପ୍ରକାଶିତ ହୋଇଛି ଏବଂ ହିନ୍ଦୀ, ଓଡ଼ିଆ ଓ ବଙ୍ଗଳାରେ ତ୍ରିଭାଷା ସିଡୀ କରି ସମଗ୍ର ଭାରତ ବର୍ଷର ମଠ ମନ୍ଦିରରେ ମାଗଣା ବାଣ୍ଟିଛି। ତେବେ ସରକାରୀ ବା ବେସରକାରୀ ସ୍ତରରୁ କୌଣସି ଆର୍ଥିକ ସହଯୋଗ ନ ନେଇ ମୋ ସ୍ୱ-ଉପାର୍ଜନରୁ ଏହା କରିପାରୁଛି। ଏହା ହିଁ ମୋତେ ଆତ୍ମସନ୍ତୋଷ ଦିଏ।'

**ପେନ୍‌ସନ ଟଙ୍କାରେ ତିଆରି କଲେ ବ୍ରିଜ୍:** କେନ୍ଦୁଝର ଜିଲା, ହାଟଡିହି ବ୍ଲକ ସୋସୋ ଥାନା ଅନ୍ତର୍ଗତ କାନପୁର ଗ୍ରାମର ୬୫ ବର୍ଷ ବୟସ୍କ ଗଙ୍ଗାଧର ରାଉତ ବେଶ୍ ପରିଚିତ 'ବ୍ରିଜ୍ ମ୍ୟାନ୍' ଭାବେ। କାରଣ ନିଜ ପେନ୍‌ସନ ଅର୍ଥରେ ଗାଁରେ ପ୍ରବାହିତ ସାଳନ୍ଦୀ ନଦୀ ଉପରେ ସେ ତିଆରି କରିଛନ୍ତି ୨୭୦ ଫୁଟ ଲମ୍ବ ଓ ୧୦ ଫୁଟ ଓସାରର ପୋଲ। ଆଉ ସମାଧାନ କରିଛନ୍ତି ଗାଁ ଲୋକଙ୍କ ବର୍ଷ ବର୍ଷର ଯାତାୟାତର ସମସ୍ୟାକୁ। ଗଙ୍ଗାଧର କୁହନ୍ତି, 'ବର୍ଷାଦିନରେ ଆମ ଗାଁ କାନପୁରର ଲୋକେ ସାଳନ୍ଦୀ ନଦୀ ଆରପଟେ ଥିବା ଚାଷଜମିକୁ ଯାଇପାରୁ ନ ଥିଲେ। ନଦୀ ଆରପଟ ଗାଁରେ ଥିବା ଲୋକେ ବି ଆମ ଗାଁକୁ ଆସି ପାରୁ ନ ଥିଲେ। ସେମାନେ ଆମ ଗାଁରେ ମୂଲ ଲାଗି ଚଳନ୍ତି। ନଈବଢ଼ିରେ ନ ଆସିପାରି ସେମାନଙ୍କ ଚଳିବା କଷ୍ଟକର ହୋଇପଡୁଥିଲା। ଏମିତି କି ଅନ୍ୟଦିନରେ ବି ନଦୀ ପାର୍ ହେବାରେ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଅନେକ ସମୟରେ ଡଙ୍ଗା ରହୁ ନ ଥିଲା। ପାଣିରେ ପଶି ଚାଲି ଚାଲି ଯିବାକୁ ପଡୁଥିଲା। ଆଉ ଯିଏ ଗାଡ଼ିରେ ଯିବାକୁ ଚାହୁଁଥିଲେ ସେମାନେ ବୁଲା ରାସ୍ତା ଦେଇ ଯାଉଥିଲେ, ଯାହାକି ବହୁତ ବାଟ। ଛୋଟବେଳୁ ଏଇ ଅସୁବିଧା ସବୁକୁ ନିଜେ ଅନୁଭବ କରିଆସିଛି। ଏମିତିକି ଗାଁ ଲୋକେ ବାରମ୍ବାର ପୋଲ ନିର୍ମାଣ ପାଇଁ ଦାବି କରିବା ସତ୍ତ୍ୱେ ସରକାରୀ ସ୍ତରରେ ନିର୍ମାଣ ହୋଇପାରିଲା ନାହିଁ। ପରବର୍ତ୍ତୀ ସମୟରେ ସ୍ଥାନୀୟ ଟ୍ରକ ଆସୋସିଏଶନ୍, ବିଧାୟକ, ହାଟଡିହୀ ବ୍ଲକ ପ୍ରଶାସନ ୬ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ ବ୍ରିଜ୍ କରିବାକୁ। ହେଲେ ଟଙ୍କା ଠିକ୍‌ରେ ବିନିଯୋଗ ନ ହୋଇପାରିବାରୁ ମାତ୍ର ୬୦ ଫୁଟ୍ କାମ ହୋଇ ରହିଯାଇଥିଲା। ଆଉ କେହି ବ୍ରିଜ୍ କରିବାକୁ ଆଗେଇଲେ ନାହିଁ। ଶେଷରେ ମୁଁ ଏହି ବ୍ରିଜ୍ →




ବଦ୍ରୀ ମିଶ୍ର

କରିବାକୁ ନିଷ୍ପତ୍ତି ନେଲି। ୧୯୮୦ ଡିସେମ୍ବର ୨୫ରେ ମୁଁ ଭେଟେରିନାରି ଡିପାର୍ଟମେଣ୍ଟରେ ଏଲ.ଆଇ.ଭାବେ ଗଞ୍ଜାମ, ପାରଳାଖେମୁଣ୍ଡିରେ ଯୋଗ ଦେଇଥିଲି। ୨୦୧୬ ଅକ୍ଟୋବର ୩୧ରେ ଆତଡି ବ୍ଲକ, ରେଙ୍ଗା ପଶୁ ସହାୟତା କେନ୍ଦ୍ରରେ ଅବସର ନେଇଥିଲି। ଅବସର ପରେ ସମୟ ବହୁତ ଥିଲା। ତା'ସହ ଗାଁର ସମସ୍ୟା ଆଉ ଦେଖି ହେଉ ନ ଥିଲା। ତେଣୁ ପ୍ରଥମେ ସ୍ଥାନୀୟ ଜଣେ ଠିକାଦାରଙ୍କ ସହିତ କଥାବାର୍ତ୍ତା ହୋଇ ଆଖପାଖରେ ନିର୍ମାଣ ହୋଇଥିବା ପୋଲ ବୁଲି ଦେଖି ନିରୀକ୍ଷଣ କଲି। ବ୍ରିଜ୍ କରିବା ପାଇଁ କ'ଣ କରିବାକୁ ହେବ ପ୍ରଥମେ ଭଲରେ ବୁଝିଲି। ତା'ପରେ ଆବଶ୍ୟକୀୟ ସିମେଣ୍ଟ, ଲୁହା ରଡ, ଇଟା ଆଦି କିଣିଲି। ଯାହା ଟଙ୍କା ଆବଶ୍ୟକ ହେଲା ମୁଁ ମୋ ନିଜ ହାତରୁ ଖର୍ଚ୍ଚ କରି ୨୦୧୮ ଫେବୃୟାରୀରେ ବ୍ରିଜ କାମ ଆରମ୍ଭ କଲି। ଏଥିରେ ମୁଁ ପାଖାପାଖି ୧୮ଲକ୍ଷ ୧୦ ହଜାର ଟଙ୍କା ଖର୍ଚ୍ଚ କରିସାରିଛି। ସରକାରୀ ସାହାଯ୍ୟ କି ଗ୍ରାମବାସୀଙ୍କ ସହଯୋଗ ପାଇ ନାହିଁ। ବହୁ କଷ୍ଟ ଓ ଅସୁବିଧାର ସମ୍ମୁଖୀନ ହୋଇ ତିଆରି କରିଛି ଏହି ବ୍ରିଜ୍‌କୁ। ମୋର ଏହି କାମରେ ଘର ଲୋକେ କେବେ ଆପତ୍ତି କରି ନାହାନ୍ତି। ୨୦୧୯ରେ ବ୍ରିଜ୍ କାମ ସରିଲା। ଏଥିରେ ମୋର ସବୁ ପେନ୍‌ସନ୍ ଓ ଗ୍ରାଚ୍ୟୁଟି ଟଙ୍କା ବିନିଯୋଗ କରିଦେଲି। ୨୦୨୦, ମେ ମାସରେ ପୋଲକୁ ଲୋକାର୍ପଣ କରାଗଲା। ହେଲେ ବ୍ରିଜ୍‌ର ଉଭୟ ପାର୍ଶ୍ୱକୁ ସଂଯୋଗ କରୁଥିବା ଆପ୍ରୋଚ୍ ରୋଡ୍ ନ ଥିଲା। ତେଣୁ କେବଳ ଚାଲି ଚାଲି ଏହି ପୋଲ ଉପରେ ଯାଇ ନଦୀ ପାର କରି ହେଉଥିଲା। ଗାଡ଼ି ଯାଇପାରୁ ନ ଥିଲା। ସେଥିପାଇଁ ଆପ୍ରୋଚ ରୋଡ୍ ତିଆରି କରିବାକୁ ଗ୍ରାମବାସୀ ରାଜନେତା ଓ ପ୍ରଶାସନକୁ ବହୁବାର ଜଣାଇବା ସତ୍ତ୍ୱେ କରା ନ ଯିବାରୁ ଶେଷରେ ମୁଁ ପୁଣି ଥରେ ଅଣ୍ଟା ଭିଡ଼ିଲି ଏହାକୁ ତିଆରି କରିବାକୁ। ଏବେ ମାଟି ପକାଇ ରାସ୍ତା କରୁଛି। ତା'ପରେ କଂକ୍ରିଟ ରାସ୍ତା ବି କରିବି। ନିକଟରେ ନୂଆଦିଲ୍ଲୀଠାରେ ସମ୍ମାନିତ ହୋଇ ପାଇଥିବା ଏକ ଲକ୍ଷ ଟଙ୍କାକୁ ପୋଲର ଗୋଟିଏ ପାର୍ଶ୍ୱର ଆପ୍ରୋଚ ରୋଡ୍ ନିର୍ମାଣରେ ଖର୍ଚ୍ଚ କରିଦେଇଛି। ଅନ୍ୟ ପଟର ଆପ୍ରୋଚ ରୋଡ୍ କାମ ଚାଲିଛି। ଏଥିପାଇଁ ଅନେକ ସମ୍ମାନ ମିଳିଛି। ୨୦୧୯ ପଠାଣି ସାମନ୍ତ ସମ୍ମାନ, ୧୯।୧୨।୨୦୧୯ରେ ଜିନ୍ଦଲ୍ କମ୍ପାନୀ ମଧ୍ୟ ମତେ ସମ୍ମାନିତ କରିଥିଲେ। ଜିନ୍ଦଲ କିଛି ଅର୍ଥ ବି ପ୍ରଦାନ କରିଥିଲେ। ସେ ଟଙ୍କାକୁ ମଧ୍ୟ ପୋଲ ତିଆରିରେ ବିନିଯୋଗ କରିଦେଇଥିଲି। ଏବେ ରାସ୍ତା ପାଇଁ ୫-୬ ଲକ୍ଷ ଖର୍ଚ୍ଚ ହେବ। ତାକୁ ବହନ କରୁଛି। ଏହି ବ୍ରିଜ୍ କାମ ପରେ ଆଉ ଏକ ବ୍ରିଜ୍ କରିବାକୁ ମଧ୍ୟ ଇଚ୍ଛା ଅଛି। ମୟୂରଭଞ୍ଜ ଜିଲାର ଏକ ଆଦିବାସୀ ଗ୍ରାମରେ ଲୋକେ ବର୍ଷାଦିନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେଠାରେ ବି ବ୍ରିଜ୍ କରିବି ବୋଲି ଭାବିଛି।

**ବୈଜ୍ଞାନିକ ଆଧ୍ୟାତ୍ମିକତାର ପ୍ରଚାର ପ୍ରସାରରେ ବିତୁଛି ସମୟ:** ଆଜୀବନ ଧୋତି ପିନ୍ଧା ମିଷ୍ଟଭାଷୀ ମଣିଷଟିଏ ସେ। ସାଦା ଜୀବନ ଓ ଉଚ୍ଚ ବିଚାରକୁ ପାଥେୟ କରି ସମସ୍ତଙ୍କୁ ଆପଣେଇ ପାରିଥିବା ଛାତ୍ରବତ୍ସଳ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ। ବୟସ ୭୦ ହେଲାଣି। ଅବସର ନେବାର ୧୨ ବର୍ଷ ବିତିଗଲାଣି। ତଥାପି ସେ ଚଳଚଞ୍ଚଳ ଓ କର୍ତ୍ତବ୍ୟରତ। ନିଜେ ବଦଳିଲେ ଯୁଗ ବଦଳିବ, ନିଜେ ସୁଧୁରିଲେ ଯୁଗ ସୁଧୁରିବ। ଏହି ଭାବନାକୁ ଅକ୍ଷରେ ଅକ୍ଷରେ ପାଳନ କରି ଜୀବନ କାଟୁଥିବା ସରଳ, ସଚଳ ଏବଂ ସଚେତନ ଏହି ବ୍ୟକ୍ତିତ୍ୱ ଜଣକ ହେଉଛନ୍ତି ଗଞ୍ଜାମ ଜିଲା ହରିପୁର ବୁରୁଡିର ଗୋକୁଳ ଚନ୍ଦ୍ର ନାହାକ। ସେ କୁହନ୍ତି, 'ଗାୟତ୍ରୀ ପରିବାର ସହ ୧୯୭୮ ମସିହାରୁ ମୁଁ ଜଡ଼ିତ। ଏବେ ବି ସେଇ ପଥର ପଥିକ ମୁଁ। ବିଚାରକ୍ରାନ୍ତି ଅଭୀଯାନର ମୂଳମନ୍ତ୍ର 'ବ୍ୟକ୍ତି ନିର୍ମାଣ, ପରିବାର ନିର୍ମାଣ ଏବଂ ସମାଜ ନିର୍ମାଣ'କୁ ଆୟୁଧ କରି ମୁଁ ଜୀବନ ଅତିବାହିତ କରିଛି। ଯୁଗ ନିର୍ମାଣ ଯୋଜନାର କିଛି ପୁସ୍ତକକୁ ହିନ୍ଦୀରୁ ଓଡ଼ିଆକୁ ଅନୁବାଦ କରିଛି। ସତ୍ ସାହିତ୍ୟକୁ ପ୍ରତି ଘରେ ପହଞ୍ଚାଇବା ମୋର ଲକ୍ଷ୍ୟ। ଧର୍ମାନ୍ଧତା ଅପେକ୍ଷା ଧର୍ମ ଓ ବିଜ୍ଞାନର ସମନ୍ୱୟକୁ ଅଧିକ ଗୁରୁତ୍ୱ ଦେଇଆସିଛି। ତେଣୁ ବୈଜ୍ଞାନିକ ଆଧ୍ୟାତ୍ମିକତାର ପ୍ରଚାର ପ୍ରସାର ଲାଗି ସାଇକେଲ୍‌ରେ ପ୍ରାୟ ୨୦ କି.ମି. ଗାଁ ଗାଁ ବୁଲି ସାଇଣ୍ଟିଫିକ୍ ସ୍ପିରିଚୁଆଲିଜମ୍‌ଜନିତ ପୁସ୍ତକ ବିତରଣ କରୁଛି। ସନାତନ ଧର୍ମର ସମସ୍ତ ନୀତି ନିୟମ ବିଜ୍ଞାନସମ୍ମତ। ସେ ସବୁକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବାର ପ୍ରୟାସ ଜାରି ରହିଛି ୧୯୭୮ ମସିହାରୁ। ସ୍କୁଲରେ ବେଦ, ଉପନିଷଦ ନିଃଶୁଳ୍କରେ ବାଣ୍ଟୁଛି। ସୁସାହିତ୍ୟ ବଣ୍ଟନ, ଯଜ୍ଞ, ପ୍ରବଚନ କାର୍ଯ୍ୟକ୍ରମ ବି ଚାଲିଛି। କାନ୍ଧରେ ଝୁଲିଥିବା ଝୁଲାରେ ମୋର ସବୁବେଳେ ସୁସାହିତ୍ୟ ତଥା ଆର୍ଟ ଅଫ୍ ଲିଭିଂ ସମ୍ବଳିତ ପୁସ୍ତକ ଥାଏ। ଯେଉଁଠି ଯାଏ ସୁଯୋଗ ଦେଖି ଏସବୁ ବାଣ୍ଟିଥାଏ। ଏହିଭଳି ଆଧ୍ୟାତ୍ମିକ କାର୍ଯ୍ୟରେ ପେନ୍‌ସନ୍‌ର ଏକ ଚତୁର୍ଥାଂଶ ଖର୍ଚ୍ଚ କରିଥାଏ। ରକ୍ତଦାନ ଶିବିର, ବୃକ୍ଷରୋପଣ କାର୍ଯ୍ୟ ସହ ବି ସଂଶ୍ଳିଷ୍ଟ ଅଛି। ନିଶା ନିବାରଣ ପାଇଁ ମଧ୍ୟ ସବୁବେଳେ ଚେଷ୍ଟା କରିଆସିଛି। ଯାହାକୁ ବି ଗୁଟ୍‌ଖା ଖାଉଥିବା, ସିଗାରେଟ ପିଉଥିବା ଦେଖେ ତାଙ୍କୁ ସେଥିରୁ ନିବୃତ୍ତ ରହିବା ପାଇଁ ବୁଝାଏ। କେହି କେହି ବିରକ୍ତି ପ୍ରକାଶ କରନ୍ତି, ଖରାପ କଥା ବି କହନ୍ତି। ତଥାପି ତାଙ୍କୁ ବାରମ୍ବାର ବୁଝାଇଥାଏ। ସେମାନଙ୍କୁ ଜୀବନ ଜିଇବାର କଳା ସମ୍ପର୍କିତ ପୁସ୍ତକ ପ୍ରଦାନ କରେ। ଆଧ୍ୟାତ୍ମ ବ୍ୟତିତ ସମାଜପୋଯୋଗୀ ସାହିତ୍ୟରେ ମଧ୍ୟ ରୁଚି ରହିଛି। ରାମଚରିତ ମାନସ ହେଉ ଅବା ମହାନାଟକ, ଶଙ୍କରାଚାର୍ଯ୍ୟ ଗ୍ରନ୍ଥାବଳୀ ଅବା କାଳିଦାସଙ୍କ ମେଘଦୂତ ସବୁ ସାହିତ୍ୟକୁ ଯୁଗୋପଯୋଗୀ ବ୍ୟାଖ୍ୟା ଏବଂ ଉପସ୍ଥାପନା କରିଥାଏ। ଭାଷା ସାହିତ୍ୟକୁ ରୁଦ୍ଧିମନ୍ତ କରିବା ପାଇଁ ସମସ୍ତ ମହାନାୟକଙ୍କ ଗ୍ରନ୍ଥାବଳୀକୁ ମଧ୍ୟ କିଣି ରଖିଛି।'


ଗଙ୍ଗାଧର ରାଉତ


ରମେଶ ପ୍ରସାଦ ନାୟକ


ପ୍ରକାଶ ଚନ୍ଦ୍ର ପଟ୍ଟନାୟକ


ଗୋକୁଳ ଚନ୍ଦ୍ର ନାହାକ

**୭୭ ବର୍ଷ ବୟସରେ ଓଡିଆରେ ପିଜି:** 'କଣ୍ଟାମାଳ ବ୍ଲକ ବିଳାସପୁର ସ୍ଥିତ ଜନତା ହାଇସ୍କୁଲରେ ଶିକ୍ଷକତା କରୁଥିଲି। ୩୨ ବର୍ଷ ଶିକ୍ଷକତା କରିବାପରେ ୨୦୦୨ରେ ଅବସର ଗ୍ରହଣ କଲି। ହେଲେ ଏଇ ଅବସର ସମୟକୁ କିଭଳି ସଦ୍‌ଉପଯୋଗ କରିପାରିବି ସେଥିପାଇଁ ପୁଣିଥରେ ଏକ କୋଚିଂ ସେଣ୍ଟରରେ ପଢାଇବା ଆରମ୍ଭ କଲି। ଯାହାକି ଏବେ ଏକ ଆବାସିକ ହାଇସ୍କୁଲ ହୋଇଗଲାଣି ଓ ମୁଁ ତା'ର ପ୍ରଧାନ ଶିକ୍ଷକ ଅଛି। ଏହାବାଦ୍ ଶିକ୍ଷାଗ୍ରହଣ କରିବାର କୌଣସି ବୟସ ନ ଥାଏ ଓ ପିଲାଙ୍କୁ ପଢା ପ୍ରତି ଆଗ୍ରହ ବଢାଇବା ପାଇଁ ଓଡିଆରେ ପିଜି କରିବାକୁ ଭାବିଲି। ଆଉ ୨୦୧୬-୧୭ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧିନରେ ପିଜି ପଢିବା ଆରମ୍ଭ କଲି। ୨୦୧୯ରେ ପରୀକ୍ଷା ଦେଇଥିଲି। ହେଲେ କରୋନା ପାଇଁ ଫଳାଫଳ ବାହାରିଲା ଚଳିତ ବର୍ଷ ସେପ୍ଟେମ୍ବରରେ। ଆଉ ୭୭ ବର୍ଷ ବୟସରେ ସଫଳତାର ସହ କୃତକାର୍ଯ୍ୟ ହୋଇଥିବାରୁ ବହୁତ ଖୁସି ଲାଗିଲା ବୋଲି କୁହନ୍ତି,' ଅବସରପ୍ରାପ୍ତ ଶିକ୍ଷକ ରମେଶ ପ୍ରସାଦ ନାୟକ। ଘର ତାଙ୍କର ବୌଦ୍ଧ ଜିଲା ପଦରପଡାରେ। ହେଲେ ରହୁଛନ୍ତି ସୋନପୁରରେ। ପାଠ ପଢାଇବା ଓ ପଢିବା ବ୍ୟତିତ ସେ କଳା ଓ ସାହିତ୍ୟ କ୍ଷେତ୍ରରେ ବି ବେଶ୍ ସକ୍ରିୟ ଅଛନ୍ତି। ବିଭିନ୍ନ ଡ୍ରାମା, ନାଟକରେ ଅଭିନୟ କରୁଛନ୍ତି। ଏମିତିକି ଅବସର ପରେ ଓଡିଆ ଚଳଚ୍ଚିତ୍ର 'ଶଳାବୁଢା'ରେ ଅଭିନୟ କରିଛନ୍ତି। ତାଛଡା ଟିକେ ସମୟ ମିଳିଲେ ସେ ଲେଖାଲେଖି ଦୁନିଆରେ ହଜିଯାଆନ୍ତି। ତାଙ୍କର ଏକ ପୁସ୍ତକ ପ୍ରକାଶ ପାଇବାକୁ ଯାଉଛି। ଏତେ ବୟସରେ ବି ସେ ବେଶ୍ ଚଳଚଞ୍ଚଳ। କେବେବି ଖାଲିରେ ବସି ରହିବାକୁ ଭଲ ପାଆନ୍ତି ନାହିଁ।

**ସମାଜ ସେବାରେ ମନ:** ଚାକିରି କାଳ ମଧ୍ୟରେ ଶିକ୍ଷାଦାନ ସହ ଜନସମ୍ପର୍କ, ସାମାଜିକ ସେବାରେ ନିଜକୁ ନିୟୋଜିତ କରି ଜନମାନସରେ ପ୍ରଶଂସାର ପାତ୍ର ହୋଇଥିଲେ। ଅବସର ପରେ ବି ସେହି ସେବା ମନୋବୃତ୍ତି ପାଇଁ ଆଜି ମାଲକାନଗିରି ଜିଲାରେ ତାଙ୍କୁ ଏକ ଭିନ୍ନ ପରିଚୟ ଦେଇଛି। ସେ ହେଉଛନ୍ତି ମାଲକାନଗିରି ସଦର ମହକୁମାର ସ୍ୱର୍ଗତ ଭାସ୍କର ଚନ୍ଦ୍ର ପଟ୍ଟନାୟକଙ୍କ ପୁତ୍ର ପ୍ରକାଶ ଚନ୍ଦ୍ର ପଟ୍ଟନାୟକ। ୧୯୭୧ ମସିହାରେ ଶିକ୍ଷକ ଭାବେ ନିଯୁକ୍ତି ପାଇଥିଲେ। ଦୀର୍ଘ ୩୫ ବର୍ଷରୁ ଊର୍ଦ୍ଧ୍ୱ ସମୟର ଶିକ୍ଷକତା ମଧ୍ୟରେ ରାଷ୍ଟ୍ରପତିଙ୍କଠାରୁ ପ୍ରମାଣପତ୍ର ଓ କାଂସ୍ୟ ପଦକ ଦ୍ୱାରା ସମ୍ମାନିତ ହୋଇଥିଲେ। ପ୍ରକୃତି ସଂରକ୍ଷଣ ଓ ପରିବେଶ ସୁରକ୍ଷା ଉପରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରକୃତି ବନ୍ଧୁ ସମ୍ମାନରେ ବି ସମ୍ମାନିତ ହୋଇଛନ୍ତି। ଏହାବାଦ୍ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ମହାପୁରୁଷଙ୍କ ପୁସ୍ତକ ପ୍ରକାଶିତ କରି ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ପରାମର୍ଶ ଦେଇ ଆସିଛନ୍ତି।୨୦୧୦ ରେ ଶ୍ରୀ ପଟ୍ଟନାୟକ ଶିକ୍ଷକତାରୁ ଅବସର ଗ୍ରହଣ କଲେ। ଏହାପରେ ତାଙ୍କର ସେହି ପୂର୍ବର ସେବା ମନୋବୃତ୍ତିକୁ ଭୁଲି ନ ପାରି ପୁସ୍ତକ ଲେଖିବା ସହ ବିଭିନ୍ନ ସରକାରୀ ଓ ବେସରକାରୀ କମିଟିର ସଦସ୍ୟ ରହି ପ୍ରଶାସନକୁ ସହଯୋଗ କରିଆସୁଛନ୍ତି। ଏତଦ୍‌ବ୍ୟତୀତ ଗ୍ରାମ ସଫେଇ, ବୃକ୍ଷରୋପଣ, କରୋନା ମହାମାରୀ ସମୟରେ ଗ୍ରାମ ଗ୍ରାମରେ ସଚେତନତା, ପଲିଥିନ୍ ବର୍ଜନ, ସ୍ୱଚ୍ଛ ଭାରତ ଅଭିଯାନ ଆଦି କାର୍ଯ୍ୟ କରି ପ୍ରଶଂସାର ପାତ୍ର ହୋଇପାରିଛନ୍ତି। ନିଜ ପେନ୍‌ସନରୁ ଅସହାୟ ଲୋକଙ୍କୁ ଆର୍ଥିକ ସାହାଯ୍ୟ ବି କରୁଛନ୍ତି।

ଚାକିରିରୁ ଅବସର ନେଲାପରେ ଆରମ୍ଭ ହୁଏ ନୂଆ ଏକ ଜୀବନ। କିଏ ଏହାକୁ ବିଶ୍ରାମ ନେଇ ବିତାଇବାକୁ ଚାହାନ୍ତି ତ ଆଉ କିଏ ଏଭଳି କିଛି କାମ କରିବାକୁ ଚାହାନ୍ତି ; ଯଦ୍ୱାରା ସେମାନେ ପାଲଟିଯିବେ ଅନ୍ୟପାଇଁ ଉଦାହରଣ। ଠିକ୍ ଯେମିତି ଏଇ ନିଆରା ମଣିଷମାନେ କରିଦେଖାଇଛନ୍ତି।

-ଶିବାନୀ ମହାନ୍ତି

ନରେଶ ଚନ୍ଦ୍ର ପଟ୍ଟନାୟକ, ଦୁର୍ଯ୍ୟୋଧନ ପାତ୍ର, ମୃତ୍ୟୁଞ୍ଜୟ ଶତପଥୀ





# ଦାମୀ ଖଟ

**ଖଟ ବା ବେଡ୍ ଉପରେ ଟିକେ ଶୋଇପଡ଼ିଲେ ଶରୀରକୁ ବେଶ୍ ଆରାମ ଲାଗିଥାଏ। ହେଲେ ଏମିତି ବି କିଛି ଖଟ ଅଛି, ଯାହାକୁ ଅତ୍ୟାଧୁନିକ ଟେକ୍ନୋଲୋଜି ଦ୍ୱାରା ଏପରି ତିଆରି କରାଯାଇଛି, ଯେଉଁଥିରେ ଶୋଇଲେ ଆରାମ ମିଳିବା ସହ ହାତପାହାନ୍ତାରେ ବହୁତ କିଛି ସୁବିଧା ପାଇହେବ। ସେଥିପାଇଁ ଏହି ଖଟଗୁଡ଼ିକର ଦାମ୍ ସାଧାରଣ ଖଟ ତୁଳନାରେ ଢେର୍ ଅଧିକ ହୋଇଥାଏ। ସେମିତି କେତୋଟି ଦାମୀ ଖଟ ସମ୍ପର୍କରେ...**



***ସ୍ପେୟର୍ ବେଡ୍:** କରିମ୍ ରସିଦ୍‌ଙ୍କ ଦ୍ୱାରା ଡିଜାଇନ୍ କରାଯାଇଥିବା ଏହି ଖଟରେ ୩୨ ଇଞ୍ଚର ଏକ ଏଲ୍‌ସିଡି ଟିଭି ଲାଗିଥିବା ସହ ମୁହଁ ଦେଖିବା ପାଇଁ ଏକ ଆକର୍ଷଣୀୟ ଦର୍ପଣ, ଖଟକୁ ଆଲୋକିତ କରିବା ପାଇଁ ଏକାଧିକ ଏଲ୍‌ଇଡି ଲାଇଟ୍ସ, କୋଲ୍ଡ୍ରିଙ୍କ୍ କିମ୍ବା ସାମ୍ପେନ୍ ରଖିବା ପାଇଁ ଏକ ହୋଲ୍ଡର ତଥା ସାଉଣ୍ଡ ସିଷ୍ଟମ୍ ଆଦିର ସୁବିଧା ରହିଛି। ତା'ସହିତ ଶରୀରର ଥକ୍କାପଣକୁ ଦୂର କରିବା ପାଇଁ ଏହି ଖଟରେ ରହିଥିବା ଗଦିରେ ଏକ ସ୍ୱତନ୍ତ୍ର ଧରଣର ମସାଜ୍ ୟୁନିଟ୍ ମଧ୍ୟ ଲଗାଯାଇଛି। ଏଥିସହିତ ପ୍ରେମୀଯୁଗଳ ବା ନବଦମ୍ପତିଙ୍କ ଜୀବନରେ ପ୍ରେମର ଗୋଲାପୀ ରଙ୍ଗ ଭରିଦେବା ପାଇଁ ଏହି ଖଟକୁ ସମ୍ପୂର୍ଣ୍ଣ ନାଲି ରଙ୍ଗରେ ଡିଜାଇନ୍ କରାଯାଇଛି ; ସେଥିପାଇଁ ଏହାର ଦାମ୍ ପ୍ରାୟ ୫୦ ହଜାର ଡଲାର୍ ରଖାଯାଇଛି।

***ଦ ଷ୍ଟାରି ନାଇଟ୍ ସ୍ଲିପ୍ ଟେକ୍ନୋଲୋଜି ବେଡ୍:** ଅତ୍ୟାଧୁନିକ ଜ୍ଞାନକୌଶଳ ଦ୍ୱାରା ପ୍ରସ୍ତୁତ ଏହି ବେଡ୍ ବା ଖଟରେ ସ୍ୱତନ୍ତ୍ର ଆଣ୍ଟି ସ୍ନୋର୍ ଟେକ୍ନୋଲୋଜିର ବ୍ୟବହୃତ କରାଯାଇଛି ; ଯଦ୍ୱାରା ଘୁଙ୍ଗୁଡ଼ି ମାରୁଥିବା ଲୋକ ଏହି ଖଟରେ ଶୋଇଲେ ଆପେ ଆପେ ତାଙ୍କର ଘୁଙ୍ଗୁଡ଼ି ମାରିବାର ଅଭ୍ୟାସ କମିଯିବ। ତା'ଛଡ଼ା ଏହି ଖଟରେ ଆଇପଡ୍ ସ୍ଲଟ୍, ଇଣ୍ଟରନେଟ୍ କନେକ୍ସନ୍, କମ୍ଫର୍ଟ ସେଟିଙ୍ଗ୍ ତଥା ଘରର ତାପମାତ୍ରାକୁ ନିୟନ୍ତ୍ରଣରେ ରଖିବାରେ ସ୍ୱତନ୍ତ୍ର ଫିଚର୍ସ ଇତ୍ୟାଦି ମଧ୍ୟ ଉପଲବ୍ଧ ରହିଛି। ସେହିପରି ଉକ୍ତ ଖଟରେ ଏକ ଭିଡିଓ ପ୍ରୋଜେକ୍ଟର ବି ଲାଗିଛି, ଯାହାକୁ ଚାଲୁ କରିବା ମାତ୍ରେ ଘରର ସିଲିଂରେ ନୀଳ ଆକାଶର ପ୍ରତିବିମ୍ବ ଦେଖାଯିବ, ଯେଉଁଥିରେ ସୁନେଲି ରଙ୍ଗର ତାରାଗୁଡ଼ିକ ଝଲସୁଥିବେ। ଥରେ ଭାବିଲେ କେମିତି ଥିବ ଉକ୍ତ ଦୃଶ୍ୟଟି! ନିହାତି ମନଲୋଭା ହୋଇଥିବ ନା! ସେଥିପାଇଁ ତ ଏହି ଖଟର ଦାମ୍ ବି ରହିଛି ପ୍ରାୟ ୫୦ ହଜାର ଡଲାର।



***କୋସ୍ମୋଭୋଏଡ୍ ବେଡ୍:** ଅଣ୍ଡାକୃତି ଆକାରର ଦେଖାଯାଉଥିବା ଏହି ଖଟଟିର ଡିଜାଇନ୍ ଉଭର ଫ୍ରାକ୍ସରେ ହୋଇଛି। ଖଟଟିକୁ ଆଲୋକିତ କରିବା ପାଇଁ ଏହାର ଉପରପାର୍ଶ୍ୱରେ କେତେଗୁଡ଼ିଏ ଏଲ୍‌ଇଡି ଲାଇଟ୍ ବି ଲାଗିଛି। ତା'ସହିତ ଉକ୍ତ ଖଟରେ ହୋମ୍ ଥିଏଟର୍ ସିଷ୍ଟମ୍, ଡିଭିଡି ପ୍ଲେୟର, ଟିଭି ସେଟ୍ ତଥା ଟେଲିଫୋନ୍‌ର ସୁବିଧା ମଧ୍ୟ ଉପଲବ୍ଧ ରହିଛି। ଶରୀରକୁ ଆରାମ ପ୍ରଦାନ କରିବା ପାଇଁ କମ୍ଫର୍ଟେବଲ୍ ମଖମଲିଆ ଗଦି ମଧ୍ୟ ଏଥିରେ ବ୍ୟବହୃତ ହୋଇଛି। ତେଣୁ ଏହି ଖଟଟିର ଦାମ୍ ପ୍ରାୟ ୬୦ ହଜାର ଡଲାର୍ ରହିଛି।

***କ୍ୱାଣ୍ଟମ୍ ସ୍ଲିପର୍ ବେଡ୍:** ଏହି ଖଟଟି ଦେଖିବାକୁ ଏକ ବଡ଼ ବକ୍ସ ପରି, ଯାହା ମଧ୍ୟରେ ଗୋଟିଏ ମଖମଲିଆ ଗଦି ପଡ଼ିଥିବା ସହ ଅନେକ ଅତ୍ୟାଧୁନିକ ସୁବିଧା ଉପଲବ୍ଧ ରହିଥିବାର ଦେଖିବାକୁ ମିଳିଥାଏ। ଯେମିତିକି ରେଫ୍ରିଜରେଟର୍, ମାଇକ୍ରୋୱେଭ୍, ଟିଭି, ବ୍ୟାକ୍‌ଅପ୍ ପାୱାର୍, ଏମର୍ଜେନ୍ସି କମ୍ୟୁନିକେଶନ୍ ସିଷ୍ଟମ୍, ଭେଣ୍ଟିଲେଶନ୍ ସିଷ୍ଟମ୍, ମୋସନ୍ ସେନ୍ସର୍ ତଥା ଶୌଚାଳୟର ବ୍ୟବସ୍ଥା ବି ରହିଛି। ସେହିପରି ଏହି ଖଟଟିରେ ବୁଲେଟ୍ ପ୍ରୁଫ୍‌ର ସୁବିଧା ମଧ୍ୟ ଉପଲବ୍ଧ ଅଛି, ତେଣୁ ଏହାର ଦାମ୍ ପ୍ରାୟ ୧ ଲକ୍ଷ ୬୦ ହଜାର ଡଲାର୍ ରଖାଯାଇଛି।





***ମ୍ୟାଗ୍ନେଟିକ୍ ଫ୍ଲୋଟିଂ ବେଡ୍:** ଏହି ଖଟଟିକୁ ଦେଖିଲେ ଲାଗିବ ସତେ ଯେମିତି ଏହା ଶୂନ୍ୟରେ ଝୁଲିଛି। କିନ୍ତୁ ପ୍ରକୃତରେ ସେୟା ନୁହେଁ, ଉକ୍ତ ଖଟଟିର ଚାରିପଟେ ପାୱାରଫୁଲ୍ ମ୍ୟାଗ୍ନେଟ୍ ରହିଛି। ଆଉ ସେହି ମ୍ୟାଗ୍ନେଟ୍ ସହ ସରୁର ଚାରୋଟି ଲୁହା ତାରକୁ ସଂଯୋଗ କରାଯାଇଥିବାରୁ ଖଟଟି ଶୂନ୍ୟରେ ଆରାମରେ ଝୁଲି ରହିପାରୁଛି। କିନ୍ତୁ ହଠାତ୍ ଯିଏ ଦେଖିବ ସିଏ ଭାବିବ ଯେ, କାଳେ ଏହି ଖଟ ଉପରେ ଶୋଇପଡ଼ିଲେ ଖଟଟି ହୁଏତ୍ ଛିଡ଼ିକି ତଳେ ପଡ଼ିଯିବ! ହେଲେ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଏଥିରେ ଲାଗିଥିବା ପାୱାର୍‌ଫୁଲ୍ ମ୍ୟାଗ୍ନେଟ୍ ଯୋଗୁ ଏହି ଖଟଟି ପ୍ରାୟ ୯ ଶହ କି.ଗ୍ରା.ର ଓଜନକୁ ସମ୍ଭାଳିବାରେ ସକ୍ଷମ ହୋଇପାରିବ। ସେଥିପାଇଁ ଏହି ଖଟର ଦାମ୍ ପ୍ରାୟ ୧.୬ ମିଲିୟନ୍ ଡଲାର୍ ରଖାଯାଇଛି।





***ବଲ୍ଡାଚିନୋ ସୁପ୍ରିମ୍ ବେଡ୍:** ଷ୍ଟୁଆର୍ଟ ହୁଗେସ୍‌ଙ୍କ ଦ୍ୱାରା ଡିଜାଇନ୍ ହୋଇଥିବା ଏହି ଆଲିଶାନ୍ ଖଟକୁ ଆକର୍ଷଣୀୟ ଭାବେ ସଜାଇବାକୁ ଏଥିରେ ପ୍ରାୟ ୯୦ କି.ଗ୍ରା. ଓଜନର ୨୪ କ୍ୟାରେଟ୍ ସୁନାର ବ୍ୟବହୃତ ହୋଇଛି। ଏଥିସହିତ ଏହି ଖଟର ଫ୍ରେମ୍‌ଗୁଡ଼ିକୁ ଆସ୍, ଚେରି ଭଳି ଦାମୀ କାଠରେ ତିଆରି କରାଯାଇଥିବାରୁ ଏହାର ଦାମ୍ ପ୍ରାୟ ୬.୩ ମିଲିୟନ୍ ଡଲାର ରଖାଯାଇଛି।



# ପିଲା ମନନେଇ ଲେଖେ



**ତାଙ୍କର ପାଠ ପଢ଼ିବାର ଝୁଙ୍କ୍ ଥିଲା ବହୁତ। ଅର୍ଥାଭାବ ପାଇଁ ସେ ପଢ଼ା ଖର୍ଚ୍ଚ ଉଠେଇବାକୁ ଖବରକାଗଜର ଏଜେନ୍ସି ନେଇ ହକର ସାଜିଲେ । ପରେ ପାଠ ପଢା ସହ ସେ ଶିଶୁ କବିତା, ଗଳ୍ପ, ଶିଶୁ ନାଟକ ଓ ଉପନ୍ୟାସ ଆଦିରେ ମନୋନିବେଶ କଲେ, ଯାହା ତାଙ୍କୁ ରାଜ୍ୟ ଓ ରାଜ୍ୟ ବାହାରେ ପରିଚିତି ଆଣିଦେଲା...**

ଦିନଥିଲା ତାଙ୍କ ଘରର ବହୁ ଅଭାବ ଅସୁବିଧା ଯୋଗୁ ସେ ଅଧାରୁ ପାଠପଢ଼ା ବନ୍ଦ କରି ଦାଦନ ଖଟିବାକୁ ବାହାର ରାଜ୍ୟକୁ ପଳାଇଥିଲେ। କିନ୍ତୁ ମନରେ ସବୁବେଳେ ପାଠ ପଢ଼ିବାର ଚିନ୍ତା ଘାରୁଥିଲା। ଏଥିପାଇଁ ଏକ ଉପାୟ ପାଞ୍ଚିଲେ। ନିଜର ସମସ୍ୟା ସମ୍ପର୍କରେ ମହାମାନ୍ୟ ରାଜ୍ୟପାଳଙ୍କ ନିକଟକୁ ସେ ଏକ ଚିଠି ଲେଖିଥିଲେ। ତା'ପରେ ପଢ଼ିବାର ସୁବ୍ୟବସ୍ଥା ହେଲା। ସେ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହେଲେ । ହେଲେ ସବୁଦିନ ନିଜର ପଢ଼ା ଖର୍ଚ୍ଚ ଉଠେଇବାକୁ ଖବରକାଗଜର ଏଜେନ୍ସିପ୍ ନେଇ ହକର ସାଜିଲେ। ପୂର୍ବରୁ ଲେଖାଲେଖି ପ୍ରତି ଥିବା ରୁଚିକୁ ସେ ଏହି ସମୟରେ ଶିଶୁ କବିତା, ଗଳ୍ପ, ଶିଶୁ ନାଟକ ଓ ଉପନ୍ୟାସ ମାଧ୍ୟମରେ ପରିପ୍ରକାଶ କରିଲେ। ସମୟକ୍ରମେ ୩ୟ ଶ୍ରେଣୀଠାରୁ ୮ମ ଯାଏ ସ୍କୁଲ ପାଠ୍ୟପୁସ୍ତକରେ ବି ତାଙ୍କର ଶିଶୁମନସ୍କ ବହୁ ଉପାଦେୟ ଲେଖା ସ୍ଥାନ ପାଇଲା। ତାଙ୍କର ଏହି ସାହିତ୍ୟ କୃତି ପାଇଁ ତାଙ୍କୁ ମିଳିଛି ଏକାଧିକ ଜାତୀୟସ୍ତରୀୟ ପୁରସ୍କାର। ବହୁସଂସ୍ଥାରୁ ସେ ହୋଇଛନ୍ତି ସମ୍ମାନିତ ଓ ପୁରସ୍କୃତ । ସେ ହେଲେ **ଡ. କୃତିବାସ ନାୟକ**। ଜନ୍ମ– ୧୯୫୫ ମସିହା ମାର୍ଚ୍ଚ ଦୁଇ ତାରିଖରେ। ପିତା ବାସୁଦେବ ନାୟକ। ମା' ସୁବର୍ଣ୍ଣଦେବୀ। ଘର କେନ୍ଦ୍ରାପଡ଼ା ଜିଲାର ରାଜକନିକାସ୍ଥିତ ଏକତଳା ଗ୍ରାମରେ। ସେ କୁହନ୍ତି, 'ବାପ ମା'ଙ୍କର ମୁଁ ୪ର୍ଥ ସନ୍ତାନ। ପିଲାଦିନେ ଘରେ ଅନେକ ସମୟ ମୋ ମା'ଙ୍କଠାରୁ ମହାପୁରୁଷଙ୍କ ଜୀବନ ଶୁଣେ। ମୋ ଅଜା ଦାଶରଥି ରାଉତ ଥିଲେ କନିକା ରାଜାଙ୍କ ରାହାସ ପାର୍ଟିର ଜଣେ କଳାକାର। ମା' ମୋତେ ତାଙ୍କ ଆଦର୍ଶ କଥା କୁହେ। ପିଲାଦିନେ କଳାକଳେବର କହ୍ନାଇ, ମନବୋଧ ଚଉତିଶା ଓ ବହୁ ଗୀତକୁ ମନେରଖି ଗାନ କରିପାରୁଥିଲି। ଜାଗୁଳାଇପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଠପଢ଼ା ଆରମ୍ଭ ହେଲା। ପୁଣି ଏଠାରେ ନବନିର୍ମିତ 'ଜାଏମାଲବ' ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଷଷ୍ଠ ଓ ସପ୍ତମ ଶ୍ରେଣୀ ପଢ଼ିଲି। ସେହି ସମୟରେ ରଘୁନାଥ ନାୟକ (ଯେ କି ମହାତ୍ମା ଗାନ୍ଧୀଙ୍କ ହତ୍ୟାକାରୀ ନାଥୁରାମ ଗଡ୍‌ସେଙ୍କୁ ଧରିଥିଲେ) ଆମସ୍କୁଲକୁ ବାରମ୍ବାର ଆସୁଥିଲେ। ସେ ମହାପୁରୁଷଙ୍କ ଜୀବନୀ କହୁଥିଲେ। ସ୍କୁଲରେ ଆୟୋଜିତ ହେଉଥିବା 'ସତୀସାବିତ୍ରୀ' ନାଟକରେ ଜଣେ ବୀର ବାଳକ ଭୂମିକାରେ ଅଭିନୟ କରିଥିଲି। ଆମ ଗାଁରେ ପ୍ରତିବର୍ଷ ଆୟୋଜିତ ହେଉଥିବା ହରିହାଟ ଓ ପାଲା ଦେଖିବାକୁ ଯାଏ। ଏମିତିରେ ଗ୍ରାମର କେତେଜଣ ପିଲାଙ୍କୁ ନେଇ ପାଲା ଶିଖୁଥିଲୁ। ଗ୍ରାମରେ ଲକ୍ଷ୍ମୀଧର ଦାସ ପିଲାଙ୍କୁ ନେଇ ଡ୍ରାମା ପରିବେଷଣ କରାନ୍ତି। ସେତେବେଳେ ଗାଁର କେତେଜଣ ପିଲା ଏକାଠି ହୋଇ ଏକ ନାଟକ କରିବା ପାଇଁ ରାମାୟଣର ବିଷୟବସ୍ତୁକୁ ନେଇ ଏକ ପାଣ୍ଡୁଲିପି ପ୍ରସ୍ତୁତ କରିଥିଲି। ରଜ ଉତ୍ସବକୁ ନେଇ 'ବସୁମାତା' ଶୀର୍ଷକ କବିତା ଲେଖି ମା'ଙ୍କୁ ଦେଖାଇ ବେଶ୍ ଖୁସି ହୋଇଥିଲି। ସେହିପରି ଗାଁର ବିବେକାନନ୍ଦ ପାଠାଗାର ତରଫରୁ କବିତା ଅନ୍ତାକ୍ଷରୀ ହୁଏ। ଏଥିରେ ଭାଗନେଇ ପୁରସ୍କୃତ ହୋଇଥିଲି। ମାତ୍ର ମୋର ସପ୍ତମ ଶ୍ରେଣୀ ପଢ଼ାବେଳେ ବାପାଙ୍କ ଦେହାନ୍ତ ହେବାରୁ ଘରେ ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଲା। ବାପାଙ୍କୁ ହରାଇବାର ଏକ ଦୁଃଖପୂର୍ଣ୍ଣ କବିତା ଲେଖିଥିଲି। କିନ୍ତୁ ଅଭାବ ଅସୁବିଧା ଯୋଗୁ ରାଜକନିକାର ରାଜେନ୍ଦ୍ର ନାରାୟଣ ହାଇସ୍କୁଲରେ ଗରିବ ବାଳକଫଣ୍ଡ ସହାୟତାରେ ଅଷ୍ଟମ ଶ୍ରେଣୀରେ ପଢିଥିଲି। ୧୯୭୧ ମସିହାର ମହାବାତ୍ୟା ସମଗ୍ର ଅଞ୍ଚଳକୁ ଉଚ୍ଛନ୍ନ କରିଦେଇଥିଲା । ପାଠ ଆଶା ଛାଡ଼ି ପେଟ ପାଇଁ ପରିଶ୍ରମ କରିଥିଲି। ଅର୍ଥାଭାବ ଯୋଗୁ ସେତେବେଳେ ମେଟ୍ରିକ୍ ପରୀକ୍ଷା ଦେଇ ନ ପାରି ରୋଜଗାର ପାଇଁ କଲିକତା ପଳାଇଥିଲି । ସେଠାରେ ଜଣେ ସୈନିକଙ୍କ ସାହାଯ୍ୟରେ ଏକ କ୍ୟାଣ୍ଟିନରେ କାମ କରୁଥିଲି। ଏଠାରେ ସବୁବେଳେ ପାଠକଥା ମନକୁ ଘାରିଲା। ଥରେ ଉପାୟ ପାଞ୍ଚି ରାଜ୍ୟପାଳଙ୍କ ନିକଟକୁ ମୋ ବିଷୟରେ ଚିଠିଟିଏ ଲେଖିଥିଲି। ଏହାପରେ ମତେ ପରୀକ୍ଷାଦେବାର ସୁଯୋଗ ମିଳିଲା। କଲିକତାରୁ ଚାନ୍ଦବାଲି ଆସି ମେଟ୍ରିକ ପରୀକ୍ଷା ଦେଲି । ଉତ୍ତୀର୍ଣ୍ଣ ହେଲି। ଅଧିକ ଶିକ୍ଷା ପାଇଁ ଚିନ୍ତାକଲି । ଏମିତି ପରିସ୍ଥିତିରେ ମାଲକାନଗିରି ବାଲିମେଳାକୁ ପଳାଇଥିଲି । ସେଠାରେ ଭାଇଙ୍କ ଘରେ କିଛିଦିନ ରହିଲି। ଜନସାହିତ୍ୟ, ଧରିତ୍ରୀ ଖବରକାଗଜର ଏଜେନ୍ସି ନେଲି। ପୁଣି ୫/୭ଜଣ ପିଲାଙ୍କୁ ଟିଉସନ କରି ରୋଜଗାର କରିଲି। ମୋ ହସ୍ତାକ୍ଷର ସୁନ୍ଦର ଯୋଗୁ ଏକ ଅଫିସରେ କିଛି ଲେଖିବା ପାଇଁ ସୁଯୋଗ ମିଳିବାରୁ କିଛି ପାରିଶ୍ରମିକ ମିଳିଲା। ଏହି ସମୟରେ ଏକ ପତ୍ରିକା 'ଶିଶୁନୟନ' ସାହିତ୍ୟ ସଂସଦ ଦ୍ୱାରା ପ୍ରକାଶନ କରିଲି। କିଛିଦିନ ପରେ ଉପର କୋଲାବ ପ୍ରକଳ୍ପ ଅଫିସ ପାଇଁ କ୍ଲର୍କଭାବେ ଚାକିରି ପାଇଲି। ତା'ପରେ ବିଏ,ଏମଏ ସାରିଲି କିନ୍ତୁ ପିଏଚ.ଡି. ଅଧାଚାଲିଥାଏ ସେହି ସମୟରେ ଅଥାତ୍ ୧୯୮୯ରେ ଆକାଶବାଣୀର ପ୍ରୋଗ୍ରାମ ଏକ୍‌ଜିକ୍ୟୁଟିଭ ଚାକିରି ମିଳିଲା। ସମ୍ବଲପୁର, ରାଉରକେଲା, ଯୋରନ୍ଦା, କଟକ ଓ ଜୟପୁରରେ କାର୍ଯ୍ୟକରିଲି। ଏ ଭିତରେ ଲେଖାଲେଖି ଚାଲିଥାଏ ବ୍ୟଙ୍ଗକବିତା, ଅନୁବାଦ, ଉପନ୍ୟାସ, ଗୀତିକବିତା, ବିଜ୍ଞାନ, ଗୀତିନାଟ୍ୟ, ନାଟକ, ଏକାଙ୍କିକା, ସୂଚନାସାହିତ୍ୟ, ଐତିହାସିକ କଥା, କାହାଣୀ, ସାଂସ୍କୃତିକ ଓ ସାମାଜିକ ଶିକ୍ଷା, ଜୀବନୀ ଆଦି ପ୍ରାୟ ୨ଶହ ଖଣ୍ଡ ପୁସ୍ତକ ରଚନା କରିସାରିଲାଣି। ଅନ୍ୟପକ୍ଷେ ଉପନ୍ୟାସ ଶୁଭଲକ୍ଷ୍ମୀ, କୁଳବୋହୂ, ହସୁକୁରୀ ଜହ୍ନ ଓ ଗଳ୍ପ– ବଣଭୋଜି, ଫୁଲସବୁ ଫୁଟିଲେ ପୁସ୍ତକ ପାଇଁ ଜାତୀୟସ୍ତରରେ ପୁରସ୍କୃତ ହୋଇଛି। ମୋର ପ୍ରଥମଲେଖା 'ବାରମଜା'ରେ କୁକୁରର ପରିବା ଦୋକାନ ପ୍ରକାଶିତ ହୋଇଥିଲା। ସବୁବେଳେ ପିଲାମାନଙ୍କ ସହିତ ଖେଳେ। ନିଜକୁ ଛୋଟପିଲାଟିଏ ମନେକରେ। ସେଥିପାଇଁ ଶିଶୁମନସ୍କ ଲେଖା ଆସେ। ପ୍ରେରଣା ମିଳେ। ଦୈନିକ 'ଧରିତ୍ରୀ'ରେ ୧୯୯୨ରୁ ୧୯୯୫ ମସିହା ଯାଏ ସ୍ତମ୍ଭଲେଖା ସ୍ଥାନ ପାଇଛି। କିନ୍ତୁ ୨୦୧୫ରେ ଆକାଶବାଣୀ କେନ୍ଦ୍ରର ସରକାରୀ ଚାକିରିରୁ ଅବସର ନେଇସାରିଛି। ଘରେ ପତ୍ନୀଙ୍କ ସହିତ ଖୁସୀରେ ରହିଛି । ମୋର ଗୋଟିଏ ପୁଅ ସେ ଆମେରିକାରେ ଏକ କମ୍ପାନୀର ଉଚ୍ଚପଦବୀରେ ନିଯୁକ୍ତ ଅଛି। ଗୋଟିଏ ଝିଅ ଦିଲ୍ଲୀରେ ବିଭିନ୍ନ ଭଏସ୍ ରେକର୍ଡିଂରେ କାର୍ଯ୍ୟ କରେ। କିନ୍ତୁ ମୋର ପ୍ରତ୍ୟେକ ସୃଜନାତ୍ମକ କାର୍ଯ୍ୟରେ ବାବା ଆଖଣ୍ଡଳମଣିଙ୍କ ପ୍ରତି ଦୃଢ଼ବିଶ୍ୱାସ ରହିଥିବାରୁ ତାଙ୍କ କୃପା ଅନୁଭବ କରେ।

**–ବନବିହାରୀ ବେହେରା**


















# ପୁଣ୍ୟ

–ଶ୍ୱେତପଦ୍ମା ପାଢ଼ୀ

ସକାଳୁ ସକାଳୁ ଚାହା ପର୍ବ ସରିବା ପରେ  ମିଶ୍ର ବାବୁ ପଚାରିଲେ ଖରାବେଳେ କ'ଣ ରନ୍ଧା ହେବ ମାଛ ନା କୁକୁଡ଼ା ? ବୋହୂ କହିଲା,  ଆଜି ତ କୁମାର ପୂର୍ଣ୍ଣିମା ! .... ଘରେ ଆଇଁଷ ରନ୍ଧା ହେବନି !
ଶାଶୁ କହିଲେ, 'ଆଁ ... ଇଏ କୋଉ ଆଡ କଥା । କୁମାର ପୁନେଇଁରେ ତ ପିଠାପଣା ସାଙ୍ଗକୁ ମାଂସ ରନ୍ଧା ହୁଏ । କାଲି ଠାରୁ ପୁଣି କାର୍ତ୍ତିକ ମାସ ଆରମ୍ଭ ହେଉଛି । ଆଇଁଷ ଗନ୍ଧ ନ ବାଜିଲେ ମୋ ଭାତ ଗୁଣ୍ଡା ତଣ୍ଟି ଦେଇ ଗଳେନି । କହିଲା କ'ଣ ନା ଆଇଁଷ ହେବନି !'

ଖରାବେଳେ ଶାଶୁ ଖାଇ ସାରି ବଡ଼ ଆଉଡିଟେ ମାରି କହିଲେ, ଓହୋଃ ଦେଶୀ କୁକୁଡ଼ା ଖାଇ ଆତ୍ମାଟା ତୃପ୍ତ ହେଇଗଲା.... ଏଇ ବାସ୍ନା ମନେ ପକେଇ ପକେଇ କାର୍ତ୍ତିକ ମାସଟା ଭାତ ହାପୁଡି ଖାଇଦେବି !!!

–ପୁନେ,ମହାରାଷ୍ଟ୍ର
ମୋ:୯୧୬୮୦୫୩୮୬୮

# ଧୂଆଁ

–ଅଜୟ ମହାନ୍ତି

ନିଆଁ ଥିଲେ
କୁହୁଳୁଥାଏ ଧୂଆଁ
ଚହଟିଯାଏ ଚଉଦିଗ
ପହଞ୍ଚ ଅପହଞ୍ଚ
ସମୀପ ଓ ଦୂର ।।

ଗୋଲ୍ ଗୋଲ୍ କରି
ସମୟକୁ ଘେରେ ଧୂଆଁ
ପୋଖରୀତୁଠ ଗାଁଚଉରା
କିଟିପାର୍ଟି କ୍ଲବ ଖଟି
କ୍ୟାଣ୍ଟିନ୍ ଓ ରେସ୍ତୁରାଁ ।।

ପ୍ରଯୋଜିତ ସତ୍ୟ
ପ୍ରଦୂଷିତ ଶବ୍ଦ
ଗୁଜବ ବିସ୍ତାରିଯାଏ
ପୃଥିବୀରୁ ଆକାଶର
ଧୂମ୍ରାଭ ହୁଏ ଦିଗନ୍ତ ।।

ଗୁଜବର  ସୀମା କ'ଣ
ଧୂଆଁର କି ବୀମା ହୁଏ,
ସବୁ ଉଡେ ପବନରେ
ସଂକ୍ରମିଯାଏ ଆକାଶ
କୁହୁଡିର ଘନ ଆସ୍ତରଣ ।।

ସବୁ ଝାପ୍ସା ଧୂଆଁଳିଆ
ପୃଥିବୀ କାନିରେ ପୋଛେ
ସୂର୍ଯ୍ୟ ଚଷମା ଚାଳିଶା
କାହିଁ କେଉଁଠି ନିଆଁ
କୁହୁଳୁ ଥାଏ ଧୂଆଁ ।।

–ମହାନଦୀ ବିହାର, କଟକ
ମୋ: ୯୪୩୭୨୨୬୭୨୭

# ତୁମେ ଆସିପାର

–ଡଃ ମାଙ୍ଗଳିକା ମହାପାତ୍ର

ତୁମେ ଆସିବ ବୋଲି
ଅପେକ୍ଷାର ଅନ୍ତ ନାହିଁ
ଯାହା ହେଉ ତୁମ ଆସିବା ଡେରି ଅଛି
ମୁଁ ଟିକେ ସଜେଇ ଦିଏ ନିଜକୁ
ସଜାଡି ନିଏ ମୋ କୋଠରୀକୁ
ମୋ ବହି ଥାକକୁ, ମୋ ଆଲମାରୀକୁ

ହଁ .. ତୁମେ ଅସିପାର ..
ମୋ ଖଟ ଉପରେ ବସିପାର
ମୋ କବିତା ଖାତା ଖୋଲିବନି
ଅଧାଲେଖା ପୃଷ୍ଠାଗୁଡ଼ିକୁ ଓଲଟେଇବନି..
ଅସ୍ପଷ୍ଟ ପଂକ୍ତିମାନଙ୍କୁ ପଢିବାକୁ ଚେଷ୍ଟା କରିବନି ...
ଗୁପ୍ତ କଥା ଯଦିଓ ନାହିଁ ସେଥିରେ
ଅନେକ ଅଭିମାନୀ ଅକ୍ଷର ଅଛନ୍ତି
ପୋତି ହୋଇଯାଇଥିବା ଅତୀତର
ସ୍ମୃତିମାନେ ଅଛନ୍ତି ...
ତା' ଭିତରେ ଥିବା କଙ୍କାଳମାନେ
ଆତ୍ମାକୁ ଜାବୁଡ଼ି ଧରିଛନ୍ତି
କାଳେ ତୁମେ ସବୁ ଜାଣି ନେବ ..!!
ସେଇ ସନ୍ତର୍ପଣରେ ମୁଁ ଘାଣ୍ଟି ହେଉଛି
ନିଜକୁ ଦୋଷୀ ଦୋଷୀ ମନେ କରୁଛି

ତୁମେ ଭାବୁଥିବ ମୁଁ କହିଦେବି
ମନକଥା ସବୁ ...
ଅଧା ଦେଖା ସ୍ୱପ୍ନ ସବୁ
ଅଦେଖା କ୍ଷତର କାହାଣୀକୁ
ତୁମଠୁ ଦୂରେଇ ଯିବାର ଦୁଃଖକୁ
ଜୀବନର ଶୂନ୍ୟତାକୁ
ହେଲେ ତୁମେ ଭୁଲ୍ ଭାବୁଛ
କେବେଠୁ ଭୁଲିଯାଇଛି ସେ ଆଶାକୁ
ମନେଇ ନେଇଛି ଏ ମନକୁ ...

ସତରେ କ'ଣ ଶୁଣିନେଲ ତୁମେ
ମୋ କଥାକୁ
ଯାହା ମୁଁ ଶୂନ୍ୟରେ ଉଡ଼ାଇ ଦେଇଥିଲି
ଚିଲିକା କୋଳରେ ଦୋହଲୁଥିବା ଡଙ୍ଗା ପରି ..
ଅନ୍ଧାର କୋଠରୀରେ
ଦୀର୍ଘଶ୍ୱାସ ନେଉଥିବା ଅଶରିରୀମାନଙ୍କ ପରି ...

ଶୁଣି ମୁଁ ପାରୁଛି ତୁମ ପାଦ ଶବ୍ଦକୁ
ଏବେ ଆସନି ଗୋ
ଟିକେ ଅପେକ୍ଷା କର
ସମୟ ଦିଅ ସଜାଡି ନେବାକୁ ନିଜକୁ
ଶୁଖିଲା ଲୁହର ଦାଗକୁ ଧୋଇ
ଦେବାକୁ
ଚା' କପ୍ ର ପ୍ରସ୍ତୁତିକୁ ...

ହଁ .. ଏବେ ତୁମେ ଆସିପାର ..
ଅପେକ୍ଷା କରିଛି ତୁମକୁ ..

–କିଟ୍ ବିଶ୍ୱବିଦ୍ୟାଳୟ
ମୋ:୯୪୩୭୮୬୧୯୯୯




ଅମ୍ଲାନ-ତମନ୍ନା

# ମନୋଜର ମନ କଥା

ମନୋଜ ଦାସ ଓରଫ ମନୁଆ। କିଛି ରୋଜଗାର କରିବାକୁ ସେ ବାହାର ରାଜ୍ୟକୁ ଯାଇଛି। ସେଠାରେ ଦି’ ପଇସା ପାଇ ତାହାର ଛୋଟ ପରିବାରକୁ ଯେନତେନ ପ୍ରକାରେ ଚଳାଏ। ହେଲେ କରୋନା ପାଇଁ ସେଠାରେ ସେ ଚାକିରି ହରାଇ ନିଜ ଜନ୍ମ ସ୍ଥାନକୁ ଫେରିଛି। କ୍ୱାରେଣ୍ଟାଇନ୍ ସେଣ୍ଟରରେ ସାଙ୍ଗମାନଙ୍କ ସହ ସେ ଏକ ନୂଆ କଥା ଚିନ୍ତା କରିଛି। ଆଉ ବାହାରକୁ ନ ଯାଇ ନିଜ ଜନ୍ମ ମାଟିରେ କିଛି ସଂସ୍ଥା କରି ରୋଜଗାର କରିବାକୁ ଅଣ୍ଟା ଭିଡିଛି। ହେଲେ ମନୋଜ ଏଥିରେ ସଫଳ ହେଉଛି ତ ? ଏପରି ବିଷୟବସ୍ତୁକୁ ନେଇ ତଥା ଜଣେ ପ୍ରବାସୀ ଶ୍ରମିକର ଜୀବନୀକୁ ଆଧାର କରି ନିର୍ମିତ ହୋଇଛି ଏକ ଭିନ୍ନ ଧରଣର ଓଡ଼ିଆ ସିନେମା ‘ଲଗାମ୍’। ଏହାର ନିର୍ଦ୍ଦେଶକ ପିନୁ ନାୟକ କହନ୍ତି, ‘ଲକଡାଉନ ସମୟରେ ଜଣେ ପ୍ରବାସୀ ଶ୍ରମିକ ଚାକିରି ହରାଇ କିପରି ବାଧାବିଘ୍ନର ସମ୍ମୁଖୀନ ହୋଇ ଜୀବନ ଅତିବାହିତ କରୁଛି ତାହାକୁ ନେଇ ପ୍ରସ୍ତୁତ ହୋଇଛି ଏହି ସିନେମା। ଅନ୍ୟପକ୍ଷରେ ଏହାର କାହାଣୀରେ ସସପେନ୍ସ, ଡ୍ରାମା, ଲଭଷ୍ଟୋରୀ, କମେଡି ରହିଛି।’ ଏହାର କାହାଣୀ, ଚିତ୍ରନାଟ୍ୟ, ସଂଳାପ ରଚନା କରିଛନ୍ତି ନବାଗତ ରଞ୍ଜିତ କୁମାର ସାହୁ। ଏଥିରେ ପ୍ରବାସୀ ଶ୍ରମିକ (ମନୋଜ) ଭୂମିକାରେ ଅଭିନୟ କରୁଛନ୍ତି ଅମ୍ଳାନ କୁମାର ଏବଂ ତାଙ୍କର ନାୟିକା ସାଜିଛନ୍ତି ତମନ୍ନା। ଜନ୍ମେଜୟ ପଣ୍ଡା ଏବଂ ତପୁ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ଖୁବ୍ ଶୀଘ୍ର ରିଲିଜ ହେବାକୁ ଥିବା ଏହି ଚଳଚ୍ଚିତ୍ରରେ ପ୍ରଦ୍ୟୁମ୍ନ ଲେଙ୍କା, ଉମାକାନ୍ତ ମୁଦୁଲି, ପୃଥ୍ୱୀରାଜ ଆଚାର୍ଯ୍ୟ, କମଲ, ଲୀନା, ଭାବନା, ନିଖିଳେଶ ଘୋଷ ଆଦି କଳାକାରଙ୍କୁ ମଧ୍ୟ ଦେଖିବାକୁ ମିଳିବ।


କ୍ରିତି

# ସମାଜସେବୀ ସୂର୍ଯ୍ୟା

ତାମିଲ ହେଉ କି ତେଲୁଗୁ ଫିଲ୍ମରେ ସୂର୍ଯ୍ୟାଙ୍କ ଅଭିନୟ କେତେ ବଳିଷ୍ଠ ତାହା କହିବା ବାହୁଲ୍ୟ। ବେଶ୍ କିଛି ବର୍ଷ ମଧ୍ୟରେ ସେ ନିଜକୁ ଜଣେ ଅଲରାଉଣ୍ଡର ଭାବରେ ସାବ୍ୟସ୍ତ କରିସାରିଛନ୍ତି। ଏଥର ଏକ ନୂଆ କାମ ପାଇଁ ସେ ମନୋନିବେଶ କରିଛନ୍ତି। ତାହା କ’ଣ ଜାଣନ୍ତି ? ସମାଜସେବା। ଅବଶ୍ୟ ପୂର୍ବରୁ ମଧ୍ୟ ଅଭିନୟ ସହ ସେ ଏପରି କାମରେ ନିଜକୁ କେତେକାଂଶରେ ନିୟୋଜିତ ରଖୁଥିଲେ। ହେଲେ ଏବେ ଏଥିପାଇଁ ଅଧିକ ସମୟ ଦେବେ। ତାହା ପଛରେ ଏକ କାରଣ ରହିଛି। ନିକଟରେ ସେ ଅଭିନୟ କରିବାକୁ ଯାଉଥିବା ନୂଆ ସିନେମା ‘ଜୟ ଭୀମ୍’ରେ ତାଙ୍କୁ ଜଣେ ସମାଜସେବୀ ଭୂମିକାରେ ଦର୍ଶକ ଦେଖିବାକୁ ପାଇବେ। ଏଭଳି ଏକ ମନଲାଖି ଭୂମିକାଟିଏ ପାଇବା ପରେ ସୂର୍ଯ୍ୟାଙ୍କ ଖୁସି କହିଲେ ନ ସରେ। ‘ବର୍ତ୍ତମାନ ମୋ ବ୍ୟକ୍ତିଗତ ଜୀବନର କିଛି ଝଲକ୍ ଦର୍ଶକ ବଡ ପରଦାରେ ଦେଖିବାକୁ ପାଇବେ। ଏହି ଫିଲ୍ମରୁ ସୋସିଆଲ ୱାର୍କ ବିଷୟରେ ମୁଁ କିଛି ନୂଆ କଥା ଶିଖିବି। ମୋ ମତରେ ସମାଜସେବାଠାରୁ ବଡ କାମ ଆଉ କିଛି ନାହିଁ। ଏବେ ତ ମୁଁ ସମାଜସେବା ସହ ଜଡିତ। ଭବିଷ୍ୟତରେ ଏହି କାମକୁ ନୂଆ ରୂପ ଦେବାକୁ ଚେଷ୍ଟା କରିବି ବୋଲି କହନ୍ତି ଏହି ଅଭିନେତା।


ସୂର୍ଯ୍ୟା


କଙ୍ଗନା

# କଙ୍ଗନାଙ୍କ ଅଗ୍ନି ଅବତାର

କଙ୍ଗନା ରାଣାଓ୍ବତ ଇତି ମଧ୍ୟରେ ଭିନ୍ନ ଭିନ୍ନ ଭୂମିକାରେ ନିଜ ଆକ୍ଟିଂ ଟ୍ୟାଲେଣ୍ଟ ଦେଖାଇସାରିଛନ୍ତି। କେବଳ ସେତିକି ନୁହେଁ ଏକାଧିକ ଥର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଛନ୍ତି। ଏବେ ତାଙ୍କୁ ନେଇ ବଲିଉଡ୍‌ରେ ଚର୍ଚ୍ଚା। କାରଣ ରିଲିଜ ଅପେକ୍ଷାରେ ଥିବା ଫିଲ୍ମ ‘ଧାକଡ୍’ରେ ତାଙ୍କୁ ମିଳିଛି ଏପରି ଏକ ଭୂମିକା। ତାହା ହେଲା ‘ଏଜେଣ୍ଟ ଅଗ୍ନି’। ସସପେନ୍ସ ଥ୍ରୀଲରଭିତ୍ତିକ ଏହି ଫିଲ୍ମରେ ତାଙ୍କୁ ଏକ ଭିନ୍ନ ରୋଲ୍‌ରେ ଦର୍ଶକ ଦେଖିବାକୁ ପାଇବେ। ଅସଲ କଥା ହେଲା ଉକ୍ତ ସିନେମାର ରିଲିଜ ଡେଟ୍ ନିକଟରେ ଘୋଷିତ ହୋଇଛି। ଏହି ସିନେମା ଆସନ୍ତା ବର୍ଷ ଏପ୍ରିଲ ୮ରେ ପରଦା ଉପରକୁ ଆସିବ। ଏ ନେଇ କଙ୍ଗନା କହନ୍ତି, ‘ଏଥିରେ ମୋ ରୋଲ ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ଆଶା ରଖିଛି। କେବଳ ସେତିକି ନୁହେଁ, ଫିଲ୍ମର କାହାଣୀ, ସଙ୍ଗୀତ, ସଂଳାପ ଏବଂ ଉପସ୍ଥାପନା ମଧ୍ୟ ବେଶ୍ ମନଛୁଆଁ ହୋଇଛି।’ ଏହି ଫିଲ୍ମରେ କଙ୍ଗନାଙ୍କ ବ୍ୟତୀତ ଅର୍ଜୁନ ରାମପାଲ୍ ଏବଂ ଦିବ୍ୟା ଦତ୍ତାଙ୍କୁ ମଧ୍ୟ ଦେଖିବାକୁ ମିଳିବ।

# କାନ୍ଦି ପକାଇଥିଲେ କ୍ରିତି

ଜୀବନର ଯେ କୌଣସି ପ୍ରଥମ କଥାକୁ ଭୁଲିବା ଏତେ ସହଜ ନୁହେଁ। ଆଉ ସେଥିରୁ ବା କ୍ରିତି ବାଦ୍ ପଡନ୍ତେ କିପରି ? ପ୍ରଥମେ ତାଙ୍କୁ ବିଜ୍ଞାପନରେ ଦେଖିବାକୁ ମିଳିଥିଲା। ତା’ପରେ ସେ ର୍‍ୟାମ୍ପ ଶୋ’ରେ ଅଂଶଗ୍ରହଣ କରିଥିଲେ। ନିଜର ପ୍ରଥମ ର୍‍ୟାମ୍ପ ଶୋ’ ଅନୁଭୂତିକୁ ସେ ଏପର୍ଯ୍ୟନ୍ତ ଭୁଲି ପାରୁନାହାନ୍ତି। ଏ ନେଇ କ୍ରିତି କହନ୍ତି, ‘ଦିଲ୍ଲୀରେ ଆୟୋଜିତ ଏକ ର୍‍ୟାମ୍ପ ଶୋ’ରେ ମୁଁ ପ୍ରଥମ ଥର ପାଇଁ ଭାଗ ନେଇଥିଲି। ଯେତେବେଳେ ଷ୍ଟେଜ୍ ଉପରକୁ ଗଲି ସେତେବେଳେ ମୁଁ ନର୍ଭସ ହୋଇପଡିଥିଲି। ଆଉ କେତେବେଳେ ପରଫରମାନ୍ସ ସାରି ଗ୍ରୀନ୍ ରୁମ୍‌କୁ ଆସିଛି ତାହା ଜାଣିପାରି ନ ଥିଲି। ଶୋ’ ଶେଷ ହେବା ପରେ ମୁଁ ବାହାରକୁ ଆସି ଯେତେବେଳେ ଅଟୋରେ ବସିଲି ସେତେବେଳେ କାନ୍ଦି ପକାଇଥିଲି। ଖୁସିରେ ମୋ ଆଖିରୁ ଦୁଇ ଟୋପା ଲୁହ ଗଡି ପଡିଥିଲା। ଆଉ ସେହି କାନ୍ଦକୁ ମୁଁ ଆଜିଯାଏ ଭୁଲି ପାରୁନି।’ ୨୦୧୪ରେ ତାଙ୍କୁ ବଲିଉଡ୍‌ରେ ପ୍ରଥମ ବ୍ରେକ୍ ମିଳିଥିଲା, ଆଉ ସିନେମାଟି ଥିଲା ‘ହିରୋପନ୍ତୀ’। ହେଲେ ଏହାପୂର୍ବରୁ ସେ ମହେଶ ବାବୁଙ୍କ ସହ ‘ନିନୋକାଡିନି’ରେ ଆକ୍ଟିଂ କରିସାରିଥିଲେ।

# ଚୁଜି ହେଲେଣି ତାରା

ତାରା ସୁଟାରିଆ ଏବେ ଚୁଜି ହେଲେଣି। କୌଣସି ନୂଆ ଅଫର ପାଇବା ମାତ୍ରେ ତାହାକୁ ଭଲ ଭାବରେ ତର୍ଜମା କରୁଛନ୍ତି। ଏପରି ଚିନ୍ତାଧାରା ପାଇଁ ବେଶ୍ କେତୋଟି ଅଫର ତାଙ୍କ ହାତରୁ ଖସି ଯାଇଛି। ହେଲେ ତାହାକୁ ନେଇ ମନଦୁଃଖ କରୁନାହାନ୍ତି ତାରା। ନିଜ କ୍ୟାରିୟର ସମ୍ପର୍କରେ ସେ କହନ୍ତି, ‘ଆକ୍ଟିଂ ଏପରି ଏକ ଲାଇନ୍ ଯେଉଁଥିପାଇଁ ବେଶ୍ ସତର୍କ ହେବାକୁ ପଡିବ। ଏକାଥରେ ପୁଳାଏ ସିନେମାରେ ଅଭିନୟ କରିବା ପୁଣି ସେଗୁଡିକ ବକ୍ସ ଅଫିସରେ ଫ୍ଲପ୍ ହେବା–କ୍ୟାରିୟର ପାଇଁ ଆଦୌ ଶୁଭପ୍ରଦ ନୁହେଁ। ତେଣୁ ମୁଁ ସ୍ଥିର କରିଛି, ଦେଖିଚାହିଁ ଫିଲ୍ମ ସାଇନ୍ କରିବି। ନିକଟରେ ମୁଁ ଅଭିନୟ କରିଥିବା ନୂଆ ସିନେମା ‘ତଡପ୍’ର ପ୍ରଥମ ଟ୍ରେଲର ରିଲିଜ ହୋଇଛି। ଏଥିରେ ନବାଗତ ଅହାନ୍ ସେଟ୍ଟି (ସୁନୀଲ ସେଟ୍ଟିଙ୍କ ପୁଅ) ମୋ ଅପୋଜିଟ୍‌ରେ ଅଛନ୍ତି। ପ୍ରଥମ ଟ୍ରେଲର୍‌କୁ ଅନେକ ଦର୍ଶକ ଗ୍ରହଣ କରିଛନ୍ତି। ତେଣୁ ଆଶା ରଖିଛି ଆମର ଯୋଡି ବଡ ପରଦାରେ ନିଶ୍ଚୟ ସକ୍‌ସେସ୍ ହେବ।’ ତେଲୁଗୁ ବ୍ଲକ୍ ବଷ୍ଟର ‘ଆରଏକ୍ସ ୧୦୦’ର ରିମେକ୍ ହେଉଛି ‘ତଡପ୍’। ମିଲନ୍ ଲୁଥ୍‌ରିଆଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଆସନ୍ତା ମାସ ୩ରେ ପରଦା ଉପରକୁ ଆସିବ।


ତାରା

# ପ୍ରଶଂସା ଅନ୍ତରାଳେ..

କ୍ୟାଟ୍ରିନାଙ୍କ ମୁହଁରେ ଏବେ ଜଣଙ୍କର ପ୍ରଶଂସା। ଯୁଆଡେ ଗଲେ ତାଙ୍କ ବିଷୟରେ କିଛି ବଖାଣିବାକୁ ଭୁଲୁନାହାନ୍ତି ଏହି ଅଭିନେତ୍ରୀ। ହେଲେ ସେ ଏମିତି କାହାର ପ୍ରଶଂସା କରୁଛନ୍ତି ତାକୁ ନେଇ ଏତେ ଚର୍ଚ୍ଚା। କଥା କ’ଣ କି କ୍ୟାଟ୍ରିନା କୈଫ ବର୍ତ୍ତମାନ ଖିଲାଡି ମାଷ୍ଟର ଭାବରେ ପରିଚିତ ଅକ୍ଷୟ କୁମାରଙ୍କ ପ୍ରଶଂସାରେ ଶତମୁଖ। କାରଣ ସେ ଯାହାକୁ ନେଇ ଟେନସନ୍‌ରେ ଥିଲେ ତାହାକୁ ଅକ୍ଷୟ ଦୂର କରିଦେଇଛନ୍ତି। ନିକଟରେ କ୍ୟାଟ୍ରିନା ଏକ ନୂଆ ସିନେମା ସାଇନ୍ କରିଛନ୍ତି, ଯାହାର ଟାଇଟଲ୍ ଫାଇନାଲ ହୋଇନାହିଁ। ହେଲେ ଏଥିରେ ତାଙ୍କୁ ଆକ୍ସନ ଭୂମିକାରେ ଦର୍ଶକ ଦେଖିବାକୁ ପାଇବେ। ତେଣୁ ଏପରି ରୋଲକୁ ତୁଲାଇବାକୁ ସେ ନିଜର ମନୋବଳକୁ ଦୃଢ଼ କରିସାରିଛନ୍ତି। ହେଲେ କେତୋଟି କଥାକୁ ନେଇ ସେ ଟେନ୍‌ସନ୍‌ରେ ଥିଲେ, ଯାହାକୁ ନିମିଷକ ମଧ୍ୟରେ ସମାଧାନ କରିଦେଇଛନ୍ତି ଅକ୍ଷୟ। ଏ ସମ୍ପର୍କରେ କ୍ୟାଟ୍ରିନା କହନ୍ତି, ‘ଏପରି ଆକ୍ସନ ଭୂମିକାରେ ମୋତେ କେତୋଟି ଷ୍ଟଣ୍ଟ ସଟ୍ ଦେବାକୁ ପଡିବ। ତେଣୁ ଏ ନେଇ ନିଜକୁ କେମିତି ପ୍ରସ୍ତୁତ କରିବି ସେଥିପାଇଁ ଅକ୍ଷୟଙ୍କ ସହଯୋଗ ଲୋଡିଥିଲି। ସେ ମୋତେ ଯେଉଁ ଟିପ୍ସ ଦେଇଛନ୍ତି ତାହା ମୋ ଟେନ୍‌ସନ୍‌କୁ ଦୂର କରିଦେଇଛି।’ ତେବେ ଏଭଳି ଭୂମିକାରେ କ୍ୟାଟ୍ରିନା ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।


କ୍ୟାଟ୍ରିନା

## ପ୍ରଥମ ରୋଜଗାର

ଶିକ୍ଷାବିତ୍ ତଥା ଶିଶୁ ସାହିତ୍ୟିକ **ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...



# ରୋଜଗାର ଟଙ୍କାରେ କୁଣିଆ ଚର୍ଚ୍ଚା ହୋଇଥିଲା

ପୁରୀ ଜିଲ୍ଲା ବ୍ରହ୍ମଗିରି ଥାନା ଅନ୍ତର୍ଗତ ଛୋଟପୁର ଗାଁରେ ମୋ ଜନ୍ମ। ବ୍ରହ୍ମଗିରି ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ୍ ପାସ୍ କରି ପୁରୀ ଏସ୍.ସି.ଏସ୍. କଲେଜରେ ଯୁକ୍ତ ୨ ଓ ଯୁକ୍ତ ୩ ପଢ଼ିଥିଲି। ତା'ପରେ ପୁରୀ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରୁ ସଂସ୍କୃତରେ ଏମ୍.ଏ. ପାସ୍ କରି ବି.ଇଡି କଲି। ବି.ଇଡି ପାସ୍ କରିବା ପରେ ମୋତେ ଏକ ବିଦ୍ୟାଳୟରେ ଶିକ୍ଷକ ଚାକିରି ମିଳିଲା। କୋଣାର୍କ ମେରାଇନ୍ ଡ୍ରାଇଭ୍‌ରେ ଗଲେ ବାଟରେ ଲିଆଖିଆ ଟୋଲ୍‌ଗେଟ୍ ପାଖରେ ପଡେ ପ୍ରସିଦ୍ଧ ବାଲି କପିଳେଶ୍ୱର ପୀଠ। ସେହିଠାରେ ନୂଆକରି ଏକ ବିଦ୍ୟାଳୟ ଖୋଲିଥାଏ, ଯାହାର ନାଁ ଥିଲା ଶ୍ରୀ ବାଲି କପିଳେଶ୍ୱର ଉଚ୍ଚ ବିଦ୍ୟାଳୟ। ସେଠି ମୋର ଜଣେ ସାଙ୍ଗ ଥିଲେ। ତାଙ୍କରି ସହାୟତାରେ ମୁଁ ସେଠି ଶିକ୍ଷକତା କରିବାକୁ ଲାଗିଲି। ସେତେବେଳେ ବିଦ୍ୟାଳୟଟି ସରକାରୀ ମାନ୍ୟତା ପାଇ ନ ଥିଲା। ତେଣୁ ଦରମା ବି ନ ଥିଲା। ଯୁବ ବୟସ ସାଙ୍ଗକୁ ପିଲାଙ୍କୁ ପଢ଼େଇବାର ଝୁଙ୍କ୍ ନେଇ ମୁଁ ସେଠାରେ ସେମିତି କାମ କରି ଚାଲିଥାଏ। ଟଙ୍କା ପଇସାକୁ ଲୋଭ ନ ରଖି ପ୍ରାୟ ୫ ବର୍ଷ ସେଠି କାମ କଲି। କେବଳ ପେଟକୁ ଗଣ୍ଡେ ଖାଇବାକୁ ମିଳୁଥିଲା ବୋଲି ଚଳି ଯାଉଥିଲି। ଏମିତିରେ ଥରେ ଗାଁକୁ ବୁଲିଯିବାକୁ ଇଚ୍ଛା ହେବାରୁ ମ୍ୟାନେଜ୍‌ମେଣ୍ଟକୁ ଜଣାଇଲି। ସ୍କୁଲ୍ ସେକ୍ରେଟାରି ମୋ ହାତରେ ଦୁଇଶହ ପଚାଶ ଟଙ୍କା ଧରେଇଦେଲେ ; ଯାହାକୁ ନେଇ ବାପାଙ୍କ ହାତରେ ଦେଲି। ସେତେବେଳେ ଘରେ ମୋ ବାହାଘରକୁ ନେଇ ଦେଖାଚାହାଁ ଚାଲିଥାଏ। ଆଉ ସେହି କୁଣିଆ ଚର୍ଚ୍ଚାରେ ମୋର ଏହି ଟଙ୍କାଟି ଖର୍ଚ୍ଚ ହୋଇଥିବା କଥା ପରେ ଜାଣିବାକୁ ପାଇଲି। କିଛିଦିନ ପରେ ମୋ ବାହାଘର ହେଲା। ଆଉ ତା'ସହିତ ମୋତେ ସରକାରୀ ଶିକ୍ଷକ ଚାକିରି ବି ମିଳିଲା। ଶହୀଦନଗର ଉଚ୍ଚବିଦ୍ୟାଳୟରେ ହେଲା ମୋର ପୋଷ୍ଟିଂ, ଯେଉଁଠାରେ ଏବେ ବି ମୁଁ କାର୍ଯ୍ୟରତ। ଅବଶ୍ୟ ଏହି ସମୟ ଭିତରେ ମୁଁ ଓଡ଼ିଆରେ ଏମ୍.ଏ. କରିବା ସହ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଶିଶୁ ସାହିତ୍ୟରେ ପି.ଏଚ୍‌ଡି ବି ସାରିଛି। ତା'ସହିତ ଶିଶୁ ସାହିତ୍ୟ ଉପରେ ଅନେକ ଗପ ଓ କବିତା ଲେଖିବା ସହିତ ବହୁ ପୁସ୍ତକ ବି ରଚନା କରିଛି। ଯେମିତିକି ୩ଟି ଶିଶୁ କବିତା ସଂକଳନ, ୨୭ଟି ଶିଶୁ ଗଳ୍ପ ଓ ଉପନ୍ୟାସ ପୁସ୍ତକ, ୩ଟି ଭ୍ରମଣ କାହାଣୀ ପୁସ୍ତକ, ସାଧାରଣଜ୍ଞାନ ସମ୍ବନ୍ଧୀୟ ୨୯ଟି ପୁସ୍ତକ, ୧୨ଟି ପିଲାଙ୍କ କୁଇଜ୍ ପୁସ୍ତକ ଏବଂ ପିଲାଙ୍କ ଭିତରେ ବିଜ୍ଞାନ ସମ୍ପର୍କିତ ଜ୍ଞାନ ବୃଦ୍ଧି ପାଇଁ ୧୯ଟି ଶିଶୁ ବିଜ୍ଞାନ ପୁସ୍ତକ ମୋର ଯା' ଭିତରେ ପ୍ରକାଶିତ ହୋଇସାରିଛି। ସେହିପରି ବିଭିନ୍ନ ରାଜ୍ୟ ତଥା ଦେଶର କିଛି ଲୁକ୍କାୟିତ ଲୋକକଥାକୁ ନେଇ ୧୧ଟି ଲୋକକଥା ପୁସ୍ତକ ତଥା ବିଭିନ୍ନ କ୍ଷେତ୍ରରେ ନାଁ କମାଇଥିବା ଓଡ଼ିଶାର ଏବଂ ଭାରତର କେତେଜଣ ବରପୁତ୍ରଙ୍କର ଜୀବନୀକୁ ନେଇ ମଧ୍ୟ ଅନେକ ପୁସ୍ତକ ଲେଖି ବହୁ ପାଠକୀୟ ପ୍ରଶଂସା ବି ପାଇସାରିଛି। ଏଥିସହିତ ପ୍ରାୟ ୧୭ଟି ଅନୁବାଦକ ପୁସ୍ତକ ବି ମୋର ପ୍ରକାଶିତ ହୋଇଛି। ଏସବୁବ୍ୟତୀତ ଜୁଉକୁମ୍ପୁଣି, ଶିଶୁସାହିତ୍ୟ ସମାଚାର, ସୁମନ ଭଳି ଶିଶୁ ପତ୍ରିକାର ସମ୍ପାଦନା କ୍ଷେତ୍ରରେ କାମ କରିବାର ସୌଭାଗ୍ୟ ବି ମୁଁ ଲଭିଛି। ସେହିପରି ପାଠ୍ୟପୁସ୍ତକ ପ୍ରଣୟନରେ ମୋର କିଛିଟା ସହଭାଗିତା ରହିଥିବାରୁ ଖୁବ୍ ଆତ୍ମଶାନ୍ତି ବି ପାଇଛି। ପିଲାମାନଙ୍କୁ ମୁଁ ଖୁବ୍ ଭଲପାଏ, ତେଣୁ ଶିକ୍ଷା ହେଉ ଅବା ଶିଶୁଲେଖା ମାଧ୍ୟମରେ ସେମାନଙ୍କ ଭବିଷ୍ୟତକୁ ସୁନ୍ଦର କରିବାର ଯେଉଁ ଦାୟିତ୍ୱ ମୋତେ ଭଗବାନ୍ ଦେଇଛନ୍ତି, ମୃତ୍ୟୁ ପର୍ଯ୍ୟନ୍ତ ତାହାକୁ ସୁଚାରୁରୂପେ ତୁଲାଇବାକୁ ନିଜର ଚେଷ୍ଟା ସେମିତି ଜାରି ରଖିବି।

*-ଅମ୍ରିତା*

# ଅଜଣା ପ୍ରେମିକା ଅଧୀନ ମନ, ଭାବି ଭାବି ତାକୁ ଯାଉଛି ଦିନ

**ପ୍ରଶ୍ନ**-ଜଣେ ସୁନ୍ଦରୀ ମୋ ମନରେ ଘର କରିସାରିଛି। ହେଲେ ସେ ମୋତେ ଭଲ ପାଉଛି କି ନାହିଁ ଜାଣିପାରୁନାହିଁ। କ'ଣ କରିବି ?

*-ଅଜିତ ସାହୁ, ବାଲେଶ୍ୱର*

**ଉତ୍ତର:** ଅଜଣା ପ୍ରେମିକା ଅଧୀନ ମନ, ଭାବି ଭାବି ତାକୁ ଯାଉଛି ଦିନ। ଯାହାକୁ ଆପଣ ନିଜ ମନ ଭିତରେ ଜାଗା ଦେଇସାରିଛନ୍ତି ତାକୁ ଭଲ ଭାବରେ ଚିହ୍ନି ନାହାନ୍ତି ବୋଧହୁଏ। ନ ହେଲେ ଏମିତି ଏକତରଫା ପ୍ରେମରେ ବୁଡି ଯାଇ ନ ଥାନ୍ତେ। ଯଦି ସେହି ମନର ମାନସୀ ବିଷୟରେ କିଛି ଜାଣିଛନ୍ତି ତେବେ ତାକୁ ଭେଟିବାକୁ ଚେଷ୍ଟା କରନ୍ତୁ। ସେହି ସମୟରେ ବେଳକାଳ ଦେଖି ନିଜ ମନ ଭିତରେ ଆନ୍ଦୋଳିତ ହେଉଥିବା ବହୁ ଦିନର କଥା ତା' ସାମନାରେ ଉଗାଳି ପକାନ୍ତୁ। ଯଦି ପାଣିପାଗ ଠିକ୍ ରହିଲା ତେବେ ଜାଣି ନିଅନ୍ତୁ ଯେ ଆପଣଙ୍କ ଆଶା ପୂରଣ ହୋଇଯାଇଛି।

**ପ୍ରଶ୍ନ**-ମୋ ସ୍ୱପ୍ନ ସୁନ୍ଦରୀ ମୋତେ କଣେଇ କଣେଇ ଚାହୁଁଛି। ବେଳେବେଳେ ହସି ଦେଉଛି। ହେଲେ ତାକୁ ଯଦି ମୋ ମନର କଥା କୁହେ, ହୁଏତ ସେ ତାକୁ ଗ୍ରହଣ କରି ନ ପାରେ। ଏବେ ମୁଁ କ'ଣ କଲେ ଠିକ୍ ହେବ ?

*-ସୁଜିତ କୁମାର, ପୁରୀ*

**ଉତ୍ତର:** ଆପଣଙ୍କ ସ୍ୱପ୍ନ ସୁନ୍ଦରୀର ସେହି କଣେଇ କଣେଇ ଚାହାଣୀରେ ପ୍ରେମର ପହିଲି ଇସାରା ଲୁଚି ରହିଛି। କେବଳ ମନକୁ ଥଣ୍ଡା କରି ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ପ୍ରେମ କରିବାକୁ ଅଣ୍ଟା ଭିଡିଛନ୍ତି ତେବେ ମନରେ କୌଣସି ପ୍ରଶ୍ନବାଚୀ ରଖନ୍ତୁ ନାହିଁ। ନିଜ ଉପରେ ଶତ ପ୍ରତିଶତ ଭରସା ରଖନ୍ତୁ। ଏପରି ବଲ୍ ପକାନ୍ତୁ ଯେମିତି ଆପଣଙ୍କ ପ୍ରେମିକା ଏକାଥରେ କ୍ଲିନ୍ ବୋଲ୍ଡ ହୋଇଯିବ।

**ପ୍ରଶ୍ନ**-ମୋ ସାଙ୍ଗ କଥାରେ ପଡି ମୁଁ ଜଣେ ଝିଅକୁ ଭଲ ପାଇଲି। ବେଶ୍ କିଛି ମାସ ଆମର ପ୍ରେମ ଆଗକୁ ଆଗେଇଲା। ହେଲେ ଏବେ ମୋ ପ୍ରେମିକା ମୋଠାରୁ ଦୂରେଇ ଯିବାକୁ ଚାହୁଁଛି। ଶୁଣିବାକୁ ପାଉଛି ଯେ ସେ ଏବେ ମୋର ସେହି ସାଙ୍ଗ ପ୍ରେମରେ ପଡିଯାଇଛି। ମୁଁ ଏବେ କ'ଣ କରିବି ?

*-ସୁକାନ୍ତ ନାୟକ, ଢେଙ୍କାନାଳ*

**ଉତ୍ତର:** ସାଙ୍ଗ କଥାରେ ପଡି ଯାହାକୁ ଭଲ ପାଇ ବସିଲେ, ତା' ପୂର୍ବରୁ ସେ ବିଷୟରେ ଭଲ ଭାବରେ ଚିନ୍ତା କରିବାର ଥିଲା। କାରଣ ପ୍ରେମିକା ଚଏସ୍ କରିବା ସମୟରେ ବୋଧହୁଏ କିଛି ଭୁଲ୍ ଭଟକା ରହିଯାଇଛି। ଯେଉଁ କଥା ଆପଣ ଶୁଣୁଛନ୍ତି ତାହା କେତେ ସତ ତାହା ପ୍ରଥମେ ଜାଣନ୍ତୁ। ପୁଣି ଉଲ୍ଲେଖ କରିଛନ୍ତି ଯେ, ଆପଣଙ୍କ ପ୍ରେମିକା ଆପଣଙ୍କଠାରୁ ଦୂରେଇ ଯିବାକୁ ଚାହୁଁଛି। ଯଦି ଏକଥା ସତ ହୋଇଥାଏ, ତେବେ ସେଭଳି ପ୍ରେମ ଆଉ ପ୍ରେମିକା ଉପରେ ଭରସା କରିବା ଠିକ୍ ନୁହେଁ। କାରଣ ସେ ହୁଏତ ଅଧା ବାଟରେ ଆପଣଙ୍କ ହାତ ଛାଡି ଦେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଅବସ୍ଥା ଦେଖି ବ୍ୟବସ୍ଥା କରନ୍ତୁ।

**ପ୍ରଶ୍ନ**-ପ୍ରେମ କଲେ କେମିତି ଲାଗେ କହିବେ କି ସାଥୀ ?

*-ତପନ, ଅଜିତ କୁମାର ବିଶ୍ୱାଳ, ବାରିପଦା*

**ଉତ୍ତର:** ପ୍ୟାର୍ କା ଲଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ଓ୍ୱ ଭି ପସ୍ତାୟା। ତେଣୁ ଯିଏ ସଚ୍ଚା ଦିଲ୍‌ରେ ପ୍ରେମ କରିଛି ସେ ହିଁ ପ୍ରେମର ଅସଲ ଚାର୍ମ କ'ଣ ତାହା ଜାଣିପାରିଛି। ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ୍ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। କାରଣ ସେପରି ପ୍ରେମ ମାଗି ଆଣିବା ତରକାରୀ ଷୋଡକାଏ ପରି।



ସାଥୀ

ମଡେଲ: ଅପର୍ଣ୍ଣା

# ବୁଣାକାରଙ୍କ ଗାଁ ଗୋପାଳପୁର





ଏମିତି ଗାଁ, ଯେଉଁଠି ବର୍ଷବର୍ଷ ଧରି ବୁଣାକାରମାନେ କୌଳିକ ବୃତ୍ତିକୁ ବଞ୍ଚାଇ ରଖିବାର ପ୍ରଚେଷ୍ଟା ଜାରି ରଖିଛନ୍ତି । ୧୬ନଂ ଜାତୀୟ ରାଜପଥ କଟକ-ବାଲେଶ୍ୱର ରାସ୍ତାର ଜାରକା ଓ କୁଆଖିଆ ଛକର ମଧ୍ୟବର୍ତ୍ତୀ ସ୍ଥାନରେ ରହିଛି ଯାଜପୁର ଜିଲା ରସୁଲପୁର ବ୍ଲକ ପ୍ରଥମାଖଣ୍ଡି ପଞ୍ଚାୟତର ଗୋପାଳପୁର। ନିକଟରେ ରହିଛି ବ୍ରାହ୍ମଣୀ ନଦୀ । ଗାଁ ଭିତରକୁ ପ୍ରବେଶମାତ୍ରେ କାନରେ ପଡ଼େ ଖଡଖଡ ଶବ୍ଦ । ଏହି ଅଞ୍ଚଳର କାରିଗରମାନଙ୍କ ଘରେ ଘରେ ତନ୍ତଚାଲେ ସକାଳୁ ସଞ୍ଜ ପର୍ଯ୍ୟନ୍ତ। ଗାଁର ପ୍ରାୟ୧୫୦୦ ପରିବାରର ଜନସଂଖ୍ୟା ୭ହଜାରରୁ ଊର୍ଦ୍ଧ୍ୱ ବୋଲି ଜଣାପଡିଛି । ଶତକଡା ୭୦ଭାଗ ବାସିନ୍ଦାଙ୍କ ବେଉସା ହେଉଛି ଲୁଗା ବୁଣିବା । ସେଥିମଧ୍ୟରୁ ୧୦୦୦ରୁ ଊର୍ଦ୍ଧ୍ୱ ପରିବାର ବୁଣାକାର ବୃତ୍ତି ଉପରେ ନିର୍ଭରଶୀଳ । ଅନ୍ୟୂନ ୫ହଜାରରୁ ଊର୍ଦ୍ଧ୍ୱ ଲୋକେ ବୁଣାକାର୍ଯ୍ୟରେ ନିୟୋଜିତ ଅଛନ୍ତି । ସେଥିମଧ୍ୟରୁ ପ୍ରାୟତଃ ୩୦୦୦ରୁ ଊର୍ଦ୍ଧ୍ୱ କାରିଗର ତନ୍ତ ଚଳାଇବା ଦକ୍ଷତା ରଖନ୍ତି । ବାକି ୨୦୦୦ରୁ ଊର୍ଦ୍ଧ୍ୱ କାରିଗର ତନ୍ତକୁ ସୂତା ଆସିବା ପୂର୍ବର କାର୍ଯ୍ୟ- ସୂତା କାଟିବା, ସୂତାକୁ ସିଧା ଓ ଶକ୍ତ କରିବା ପାଇଁ ଢାଳ କରିବା, ରଙ୍ଗ କରିବା ଆଦି କାର୍ଯ୍ୟରେ ନିୟୋଜିତ ଥାଆନ୍ତି । ଗାଁରେ ୧୭ଟି ସମବାୟ ସମିତି ରହିଛି । ବୁଣାକାରମାନଙ୍କୁ କାମ ଯୋଗାଇ ଦେବା, ସେମାନଙ୍କଠାରୁ ଉତ୍ପାଦିତ ଦ୍ରବ୍ୟକୁ କ୍ରୟକରି ପାରିଶ୍ରମିକ ପ୍ରଦାନ କରିବା ସମିତିର ପ୍ରମୁଖ କାର୍ଯ୍ୟ । ଅନ୍ୟପକ୍ଷେ କଳା ସଂସ୍କୃତି, ଖେଳକୁଦ ଆଦି କ୍ଷେତ୍ରରେ ବି ଗାଁର ସୁନାମ ରହିଛି। ଏହି ଗାଁର ସରସ୍ୱତୀ ଚାନ୍ଦ ଓ ଅଲିମ୍ପିଆଡ ଦୂତୀ ଚାନ୍ଦଙ୍କ ଭଳି ସୁନାମଧନ୍ୟ ଖେଳାଳି ବିଶ୍ୱ ଦରବାରରେ ପରିଚିତ ।

**ଲୁଗାବୁଣା** – ସୁନ୍ଦର କଳାକୃତିର ଲୁଗା ବୁଣିବା ପାଇଁ ଟସର, କୋରିଆ, ମସଚରାଇଜ, ଭେକ୍ସସ, ଉଲ ଆଦି ସୂତା ବ୍ୟବହାର ହୋଇଥାଏ। ସୂତାକୁ ବୁଣାକାରମାନେ ବରଗଡ, ସେରିଫେଡ, ବୟନିକା ଆଦି ସଂସ୍ଥାଠାରୁ ସଂଗ୍ରହ କରିଥାନ୍ତି। ସୂତାକୁ ଲୁଗା ବୁଣିବା ପୂର୍ବରୁ ପ୍ରୋସେସିଂ ଓ ସାଇଜିଂ କରିବା ପରେ ତନ୍ତରେ ବ୍ୟବହାର କରାଯାଏ । ଗୋଟିଏ ଲୁଗା ପ୍ରସ୍ତୁତି ପାଇଁ ୫ଟି ପର୍ଯ୍ୟାୟ ଦେଇ ଯିବାକୁ ପଡିଥାଏ । ଏହାରି ପଛରେ ପରିଶ୍ରମ କରି ପ୍ରତ୍ୟେକ ସଦସ୍ୟ ମାସିକ ପ୍ରାୟତଃ ୫ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତି।



**ବିକ୍ରିବ୍ୟବସ୍ଥା**– ତନ୍ତବୁଣା ଲୁଗା, ମେଶିନ ବୁଣାଲୁଗାଠାରୁ ଅଧିକ ଦାମ୍ । ତନ୍ତରୁ ବାହାରୁଥିବା ଲୁଗା ମଜଭୁତ୍, ପିନ୍ଧିବାକୁ ଅଧିକ ଆରାମଦାୟକ ହୋଇଥିବାରୁ ଏହାକୁ ଚଢା ଦାମ୍‌ରେ ବିକ୍ରି କରାଯାଏ। ମେଶିନ ବୁଣା ଶାଢି ନିତିଦିନିଆ ବ୍ୟବହାରରେ ଲାଗୁଥିବା ବେଳେ ତନ୍ତବୁଣା ଲୁଗା ପାର୍ବଣ ଋତୁ ଓ ବାହାର ପିନ୍ଧିବା ଲୁଗା ଭାବରେ ବ୍ୟବହାର କରାଯାଏ । ତେବେ ଏହି ଲୁଗା, ପଡ଼ୋଶୀ ରାଜ୍ୟ କଲିକତା, ରାଜ୍ୟର ଭୁବନେଶ୍ୱର, ପୁରୀ, କଟକ ଭଳି ବଡ଼ ସହରରେ ଚାହିଦା ରହିଛି। ଏହାଛଡା ସେରିଫେଡ, ବୟନିକା, ସମ୍ବଲପୁରୀ ବସ୍ତ୍ରାଳୟ, ଉତ୍କଳିକା ଆଦି ସଂସ୍ଥା ପକ୍ଷରୁ ବୁଣାକାରମାନଙ୍କ ଉତ୍ପାଦିତ ଦ୍ରବ୍ୟକୁ କ୍ରୟ କରାଯାଇଥାଏ। ଅନେକ ସମୟରେ ସଂସ୍ଥାଗୁଡିକ ପକ୍ଷପାତିତା କରନ୍ତି ବୋଲି ଅଭିଯୋଗ ହୁଏ । ଏ ସମ୍ପର୍କରେ ଏହି ଅଞ୍ଚଳର ବୁଣାକାର ପ୍ରତିନିଧି ରମେଶ ଦାସ କୁହନ୍ତି–ବୁଣାକାର ସଂପ୍ରଦାୟ, ଲୋକଙ୍କ ଲଜ୍ଜା ନିବାରଣର ମୁଖ୍ୟ ବିନ୍ଧାଣୀ। ବୁଣାକାରଙ୍କୁ ବିଭିନ୍ନ ପ୍ରକାର ସରକାରୀ ସହାୟତା ପ୍ରଦାନ କରାଯାଉ । ଯୁବ ଉଦ୍ୟୋଗୀ ଅଶୋକ କୁମାର ଗୁଇଁ କୁହନ୍ତି–ବୁଣାକାରମାନଙ୍କ କୁଟୀର ଶିଳ୍ପକୁ ଶିଳ୍ପରେ ପରିଣତ କରାଯାଉ। ଏକ ପ୍ରଦର୍ଶନୀ ହବ୍ କାର୍ଯ୍ୟ ତୁରନ୍ତ ଆରମ୍ଭ ହେଉ । ସେହିଭଳି ତାଲିମପ୍ରାପ୍ତ ମହିଳା ଡିଜାଇନର ମାଳତୀ ଦାସ କୁହନ୍ତି–କରୋନା କାଳରେ ବୁଣାକାର ପରିବାର ଉପରେ ବିପଦ ମାଡି ବସିଛି, ଏ ଦିଗରେ ସରକାର ଧ୍ୟାନ ଦେବାର ସମୟ ଆସିଛି। ମହିଳା ବୁଣାକାର ଗେହ୍ଲା ଚାନ୍ଦ କୁହନ୍ତି–ତନ୍ତ କାର୍ଯ୍ୟରେ ମହିଳା ବୁଣାକାରମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏମାନଙ୍କୁ ଏକ୍ସପୋଜର୍ ଭିଜିଟ୍ ଭାବରେ ବିଭିନ୍ନ ରାଜ୍ୟର କାରିଗରମାନଙ୍କଠାରୁ ଜ୍ଞାନକୌଶଳ ପ୍ରଶିକ୍ଷଣ ପାଇବା ପାଇଁ ସୁଯୋଗ ସୃଷ୍ଟି କରାଯାଉ । ଆଉ ଓଡ଼ିଶା ବୁଣାକାର ମହାସଂଘର କାର୍ଯ୍ୟକାରୀ ସଭାପତି ଶ୍ରୀଧର ବେହେରା କୁହନ୍ତି, 'ଗୋପାଳପୁର ଗାଁକୁ ଶିଳ୍ପୀ ଗ୍ରାମ ଭାବରେ ଘୋଷଣା କରିବା ପ୍ରସ୍ତାବକୁ ତୁରନ୍ତ କାର୍ଯ୍ୟକାରୀ କରାଯାଉ ।'





**ବୁଣାକାରଙ୍କ ସମସ୍ୟା**– ବୁଣାକାରମାନଙ୍କ ଉତ୍ପାଦିତ ଦ୍ରବ୍ୟର ବିକ୍ରିବଟା ହୋଇ ନ ପାରିବା, ଠିକ୍ ସମୟରେ କଞ୍ଚାମାଲ ଉପଲବ୍ଧ ନ ହେବା, ଗଚ୍ଛିତ ଲୁଗାରେ ମୂଳ ପୁଞ୍ଜି ଖର୍ଚ୍ଚ ହୋଇଯିବା ଆଦି ଲୁଗା ବୁଣାକାର୍ଯ୍ୟରେ ବାଧକ ସାଜୁଛି । ଏହିଭଳି କ୍ଷେତ୍ରରେ ଅର୍ଥ ଲଗାଣକାରୀ ସଂସ୍ଥାମାନେ ବିନା ସୁଧରେ ଋଣ ପ୍ରଦାନ କରିବାକୁ ଦାବି ହେଉଛି। ଦକ୍ଷ ବୁଣାକାରମାନଙ୍କୁ ତାଲିମ ପ୍ରଦାନ ଅବଧି ବଢ଼ାଇବା ସହ ବୁଣାକାରମାନଙ୍କ ସ୍ଥିତିକୁ ଅନୁଧ୍ୟାନ କରାଯାଇ ସରକାରୀ ସୁବିଧା ପ୍ରଦାନ କରାଯିବା ଜରୁରୀ। ତନ୍ତଶାଳା ନିର୍ମାଣ ସକାଶେ ଆସୁଥିବା ଅର୍ଥର ଫାଇଦା ବୁଣାକାରମାନଙ୍କୁ ମିଳୁନାହିଁ ବୋଲି ମଧ୍ୟ ବୁଣାକାରମାନେ ଅଭିଯୋଗ କରିଛନ୍ତି। ବୁଣାକାରମାନଙ୍କୁ ବାସଗୃହ ଉପରେ ତନ୍ତଶାଳା ନିର୍ମାଣ ପାଇଁ ଅନୁମତି ଓ ସରକାରୀ ସୁବିଧା ପ୍ରଦାନ କରିବାକୁ ସରକାରଙ୍କୁ ନିବେଦନ କରାଯାଉଛି । ଅନ୍ୟପକ୍ଷେ ଓଡ଼ିଶାର ଏପରି ଅନେକ ସ୍ଥାନରେ ବୁଣାକାରମାନଙ୍କ ହସ୍ତକାରିଗରି ରହିଛି। ମାତ୍ର ଗୋପାଳପୁର ତନ୍ତବୁଣା ଲୁଗାର ପରିଚୟ ସ୍ୱତନ୍ତ୍ର। ତେବେ ଏପରି ତନ୍ତକାରିଗରଙ୍କ ହସ୍ତକଳାରେ ଓଡ଼ିଶାର ନିଜସ୍ୱ ପରିଚୟ ଅଧିକ ସୁଦୃଢ ହୋଇଥାଏ।

–ରଞ୍ଜିତ ରାଉତ





**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



ମିଠି

## ହାଃ ହାଃ

### ଦଣ୍ଡ

ମୋନୁ ସୋନୁକୁ: ଜାଣିଛୁ, ଆଜି ତୋ ବିଲେଇ ଆମ ଘରକୁ ଆସି ମୋ ବହି ଚିରି ଦେଇଛି।
ସୋନୁ: ସତ ! ହଉ ରହ, ମୁଁ ତାକୁ ଦଣ୍ଡ ଦଉଛି।
ମୋନୁ: ରହିଯା, ମୁଁ ତାକୁ ଦଣ୍ଡ ଦେଇସାରିଛି।
ସୋନୁ: କି ଦଣ୍ଡ ?
ମୋନୁ: ମୁଁ ତା' ଗିନାରୁ କ୍ଷୀର ପିଇ ଦେଇଛି।

### ସମାନତା ଓ ଅନ୍ତର

ରାଜୁ ଗୋପୀକୁ: ଜେଲ୍ ଓ ଲକ୍‌ଡାଉନ୍ ଭିତରେ ଅନ୍ତର କ'ଣ ?
ଗୋପୀ: ଜେଲ୍‌ରେ ଦୋଷୀକୁ ଭିତରକୁ ନେଇ ପିଟାଯାଏ। ଆଉ ଲକ୍‌ଡାଉନ୍‌ରେ ବାହାରକୁ ବାହାରିଲେ ପିଟାଯାଏ। ଇଏ ହେଉଛି ଦୁଇଟି ଭିତରର ଅନ୍ତର।
ରାଜୁ: ଆଉ ସମାନତା କ'ଣ ?
ଗୋପୀ: ଉଭୟ କ୍ଷେତ୍ର ପିଟିବା ଲୋକ ହେଉଛନ୍ତି ପୋଲିସ୍।

### ଫେକ୍ ଆଇଡି

ମୁନା ବାପାଙ୍କୁ: ଗୋଟେ କଥା କହିବି ରାଗିବନି ତ ?
ବାପା: କ'ଣ କହିବୁ କହ। ଜମା ରାଗିବିନି।
ମୁନା: ମୋର ଫେସ୍‌ବୁକ୍‌ରେ ୧୦ଟା ଫେକ୍ ଆଇଡି ଅଛି।
ବାପା: କ'ଣ ?
ମୁନା: ଖାଲି ସେତିକି ନୁହେଁ, ୧୦ ଦିନ ହେବ ତମେ ଯାହାକୁ କଫି ପିଇବା ପାଇଁ ଡାକୁଛ ସିଏ ଆଉ କେହି ନୁହଁ 'ମୁଁ'।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: ଚନ୍ଦନ, ଧରିତ୍ରୀ

# ଆନ୍ଧ୍ରପ୍ରଦେଶର ସାଂସ୍କୃତିକ ରାଜଧାନୀ
# ରାଜମହେନ୍ଦ୍ରୀ



ଆନ୍ଧ୍ରପ୍ରଦେଶର ପୂର୍ବ ଗୋଦାବରୀ ଜିଲାରେ ଅବସ୍ଥିତ ଏକ ପ୍ରାଚୀନ ସହର ହେଉଛି ରାଜମହେନ୍ଦ୍ରୀ; ଯାହାର ପ୍ରାଚୀନ ନାମ ହେଲା ରାଜା ମହେନ୍ଦ୍ର ବରମ୍ ବା ରାଜମହେନ୍ଦ୍ରବରମ୍। ଏବେ ବି ଏହି ନାମକୁ ଔପଚାରିକ ସରକାରୀ ନାମ ଭାବେ ଏଠାରେ ବ୍ୟବହାର କରାଯାଉଥିବାର ଦେଖିବାକୁ ମିଳୁଛି। ତେବେ ଏହା ଏମିତି ଏକ ଆକର୍ଷଣୀୟ ସହର, ଯାହା ପବିତ୍ର ଗୋଦାବରୀ ନଦୀର ତଟଦେଶରେ ଅବସ୍ଥିତ। ତା'ଛଡ଼ା ଏହା ଆନ୍ଧ୍ରପ୍ରଦେଶର ସାଂସ୍କୃତିକ ରାଜଧାନୀ ଭାବେ ବି ବେଶ୍ ପ୍ରସିଦ୍ଧ। କାରଣ ଏଠାକାର କଳା, ସଂସ୍କୃତି ବେଶ୍ ସମୃଦ୍ଧ। ତା'ଛଡ଼ା ଏଠାରେ ରହିଛି ଅନେକ ପ୍ରସିଦ୍ଧ ପ୍ରାଚୀନ ମନ୍ଦିର, ଯାହାକୁ ଦର୍ଶନ କରିବା ପାଇଁ ବର୍ଷସାରା ଏହି ସ୍ଥାନରେ ଭକ୍ତଗଣଙ୍କର ପ୍ରବଳ ଭିଡ଼ ଦେଖିବାକୁ ମିଳିଥାଏ। ସେହିପରି ଏହି ସହର ଭାରତୀୟ ସ୍ୱତନ୍ତ୍ରତା ଆନ୍ଦୋଳନରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲା ବୋଲି ସୂଚନା ମଧ୍ୟ ରହିଛି। ତେଣୁ ଏଠାକାର କେବଳ ଇତିହାସ ନୁହେଁ ସାଂସ୍କୃତିକ ଓ ପ୍ରାକୃତିକ ମହତ୍ତ୍ୱ ବି ଏହାକୁ ଏକ ଆଦର୍ଶ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବାରେ ବିଶେଷ ସାହାଯ୍ୟ କରିଆସିଛି।

### ଏଠାରେ କ'ଣ ରହିଛି ଦେଖିବାକୁ

*ଗୋଦାବରୀ ନଦୀ: ରାଜମହେନ୍ଦ୍ରୀ ବୁଲିବାର ପ୍ରକୃତ ମଜା ବିନା ଗୋଦାବରୀ ନଦୀର ଭ୍ରମଣରେ ପୂରା ହୁଏନା। ଏହା ଦକ୍ଷିଣ ଭାରତର ଏକ ପ୍ରସିଦ୍ଧ ନଦୀ, ଯାହା ରାଜମହେନ୍ଦ୍ରୀ ସହର ମଧ୍ୟ ଦେଇ ପ୍ରବାହିତ ହୋଇଥାଏ। ଅନେକ ପାହାଡ଼ ତଥା ସବୁଜ ବନାନୀର ପାର୍ଶ୍ୱ ଦେଇ ବହି ଯାଉଥିବା ଏହି ନଦୀର ଆକର୍ଷଣ ଏତେ ସୁନ୍ଦର ହୋଇଥାଏ ଯେ, ପର୍ଯ୍ୟଟକ ଆପେ ଆପେ ଆକର୍ଷିତ ହୋଇ ଏହି ନଦୀକୂଳରେ କିଛି ସମୟ ବିତାଇବା ପାଇଁ ଚାଲି ଆସିଥାନ୍ତି। ଆଉ ତାକୁ ହିଁ ଲକ୍ଷ୍ୟ କରି ରାଜମହେନ୍ଦ୍ରୀରେ ପର୍ଯ୍ୟଟକଙ୍କ ଆମୋଦପ୍ରମୋଦ ପାଇଁ ବୋଟିଂ ଏବଂ କ୍ରୁଜର ବ୍ୟବସ୍ଥା ଉପଲବ୍ଧ ରହିଛି; ଯେଉଁଥିରେ ବସି ପର୍ଯ୍ୟଟକ ଗୋଦାବରୀ ନଦୀ ଏବଂ ତା' ଆଖପାଖର ସୌନ୍ଦର୍ଯ୍ୟ ତଥା ନଦୀ ଉପରେ ଗଢ଼ି ଉଠିଥିବା ବ୍ରିଜର ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରିପାରିବେ।

**ଆନ୍ଧ୍ରପ୍ରଦେଶର ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ହେଉଛି ରାଜମହେନ୍ଦ୍ରୀ; ଯାହାର କଳା ଓ ସଂସ୍କୃତି ବେଶ୍ ସମୃଦ୍ଧ। ସେଥିପାଇଁ ଅନେକେ ଏହାକୁ ଆନ୍ଧ୍ରପ୍ରଦେଶର ସାଂସ୍କୃତିକ ରାଜଧାନୀ ବୋଲି ବି ସମ୍ବୋଧନ କରିଥାନ୍ତି...**

*ପାପୀ ହିଲ୍ସ: ରାଜମହେନ୍ଦ୍ରୀର ଗୋଦାବରୀ ନଦୀତଟରେ ଠିଆ ହୋଇ ଏହି ପର୍ବତର ଶୋଭାକୁ ଉପଭୋଗ କରିବା ବେଶ୍ ନିଆରା ଲାଗିଥାଏ। ତା'ଛଡ଼ା ଏହି ପର୍ବତରେ ଅନେକ ରୋମାଞ୍ଚକର କ୍ରୀଡ଼ା ଖେଳିବାର ସୁବିଧା ମଧ୍ୟ ରହିଛି; ଯେଉଁଥିପାଇଁ ପ୍ରକୃତିପ୍ରେମୀଙ୍କ ସମେତ ଦୁଃସାହସିକ ପର୍ଯ୍ୟଟନରେ ରୁଚି ରଖୁଥିବା ପର୍ଯ୍ୟଟକଙ୍କର ପ୍ରବଳ ଭିଡ଼ ଏଠାରେ ଦେଖିବାକୁ ମିଳିଥାଏ। କେବଳ ସେତିକି ନୁହେଁ, ଏହି ପର୍ବତ ନିକଟରେ ଏକ ବନ୍ୟପ୍ରାଣୀ ଅଭୟାରଣ୍ୟ ବି ରହିଛି; ଯାହା ପାପୀକୋଣ୍ଡା ଜାତୀୟ ଉଦ୍ୟାନ ନାମରେ ପରିଚିତ। ପ୍ରାୟ ୧,୦୧୨.୮୬ ବର୍ଗ କି.ମି. ପରିସୀମାବ୍ୟାପ୍ତ ଅଞ୍ଚଳ ଉପରେ ଗଢ଼ି ଉଠିଥିବା ଏହି ଜାତୀୟ ଉଦ୍ୟାନରେ ପର୍ଯ୍ୟଟକ ବହୁ ବିରଳ ପଶୁପକ୍ଷୀଙ୍କୁ ଦେଖିବାର ସୁଯୋଗ ପାଇପାରିବେ।

*କାଦିୟାପୁଲଙ୍କ: ପାପୀ ହିଲ୍ସ ପରି କାଦିୟାପୁଲଙ୍କ ବି ହେଉଛି ରାଜମହେନ୍ଦ୍ରୀର ଅନ୍ୟତମ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ମୁଖ୍ୟ ସହରରୁ ପ୍ରାୟ ୮ କି.ମି. ଦୂରରେ ଥିବା ଏହା ହେଉଛି ଏକ ଛୋଟ ଗାଁ; ଯେଉଁଠାରେ ବିଶେଷକରି ଚାଷବାସ କରାଯାଇଥାଏ। ମୁଖ୍ୟତଃ ଫୁଲଚାଷ ପାଇଁ ଏହି ସ୍ଥାନର ବେଶ୍ ନାଁ ରହିଛି। ଏଠାରେ ଚାଷ କରାଯାଉଥିବା ଫୁଲକୁ ବିଭିନ୍ନ ସ୍ଥାନକୁ ରପ୍ତାନି ମଧ୍ୟ କରାଯାଇଥାଏ। ତା'ଛଡ଼ା ଆଗନ୍ତୁକଙ୍କୁ ଆକର୍ଷିତ କରିବା ପାଇଁ ପ୍ରତିବର୍ଷ ଜାନୁୟାରୀ ମାସରେ ଏଠାରେ ଫୁଲ ମହୋତ୍ସବର ଆୟୋଜନ କରାଯାଉଥିବାର ସୂଚନା ବି ରହିଛି।

*ଆଧ୍ୟାତ୍ମିକ ପୀଠ: ରାଜମହେନ୍ଦ୍ରୀରେ ଅନେକ ଆଧ୍ୟାତ୍ମିକ ପୀଠ ବି ରହିଛି; ଯେଉଁଠାକୁ ଆଗନ୍ତୁକ ବୁଲି ଯାଇ ଅପୂର୍ବ ଶାନ୍ତି ଲଭିପାରିବେ। ତନ୍ମଧ୍ୟରୁ କୋଟିଲିଙ୍ଗେଶ୍ୱର ମନ୍ଦିର, ମାର୍କଣ୍ଡେୟ ମନ୍ଦିର ଇତ୍ୟାଦି ହେଉଛି ପ୍ରମୁଖ।

### କଳା, ସଂସ୍କୃତିରେ ନିପୁଣ

ରାଜମହେନ୍ଦ୍ରୀର କଳା, ସଂସ୍କୃତି ସତରେ ଅନନ୍ୟ। ସାହିତ୍ୟ ହେଉ ଅବା ଚିତ୍ରକଳା କିମ୍ବା ହସ୍ତକଳା ଏପରି କି ସଙ୍ଗୀତ ଏବଂ ଅଭିନୟ କ୍ଷେତ୍ରରେ ବି ଏଠାକାର ଅନେକ ବାସିନ୍ଦା ବେଶ୍ ନାଁ କରିପାରିଛନ୍ତି। ଏବେ ବି ଏସବୁ କଳା କ୍ଷେତ୍ରରେ କ୍ୟାରିୟର୍ କରିବାକୁ ଏଠାକାର ଯୁବପିଢ଼ିଙ୍କୁ ଅନେକ ପ୍ରେରଣା ଦିଆଯାଉଛି। ତେଣୁ ଏଠାକୁ ଗଲେ ଆଗନ୍ତୁକ ଏଠାକାର କଳା, ସଂସ୍କୃତିକୁ ଖୁବ୍ ନିକଟରୁ ଜାଣିବାର ସୁଯୋଗ ପାଇପାରିବେ।

### କେବେ ଓ କେମିତି ଯିବେ

ବର୍ଷର ଯେ କୌଣସି ସମୟରେ ପର୍ଯ୍ୟଟକ ଏଠାକୁ ବୁଲି ଯାଇପାରିବେ। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ମଧ୍ୟ ବେଶ୍ ସୁବିଧା ରହିଛି। ରାଜମହେନ୍ଦ୍ରୀ ରେଲୱେ ଷ୍ଟେଶନ ହେଉଛି ଏହାର ନିକଟତମ ରେଳଷ୍ଟେଶନ। ସେହିପରି ରାଜମହେନ୍ଦ୍ରୀ ଏୟାରପୋର୍ଟ ବି ଏଠାରେ ରହିଛି। ତା'ଛଡ଼ା ଦେଶର ବିଭିନ୍ନ ସ୍ଥାନରୁ ଟୁରିଷ୍ଟ ବସ୍ ମଧ୍ୟ ଏଠାକୁ ଯା'ଆସ କରିଥାଏ। ତେଣୁ ପର୍ଯ୍ୟଟକଙ୍କୁ ଯେଉଁଥିରେ ସୁବିଧା ସେଥିରେ ଯାଇ ଆରାମରେ ଏଠାରେ ପହଞ୍ଚିପାରିବେ।





# ଭଡ଼ାଟିଆ କନ୍ୟା ବାନ୍ଧବୀ



**ବା**ହାଘରେ କନ୍ୟାଙ୍କ ଭଉଣୀ ଓ ବାନ୍ଧବୀମାନଙ୍କର ଏକ ଅଲଗା ସ୍ଥାନ ଥାଏ। ବାହାଘରକୁ ମଜାଦାର ଓ ମସ୍ତିଭରା କରିବାରେ ଏମାନଙ୍କ ଭୂମିକା ଅଧିକ। ବର ଓ ବରର ସାଙ୍ଗମାନେ ଏମାନଙ୍କ ସହ ଥଟ୍ଟାମଜା କରିବା ଯେମିତି ପରମ୍ପରା ପାଲଟି ଗଲାଣି। ବିବାହରେ କନ୍ୟାର ଭଉଣୀ ଓ ବାନ୍ଧବୀମାନଙ୍କୁ ନେଇ କିଛି ପରମ୍ପରା ବି ଜଡ଼ିତ ଅଛି। ଯାହା ମଜାଦାର ହେବା ସହ କନ୍ୟାର ସଖୀମାନେ ଓ ଭଉଣୀ ମୋଟା ଅଙ୍କର ଟଙ୍କା, ପୋଷାକ ବି ପାଇଥାଆନ୍ତି। ଆଉ ଯଦି କନ୍ୟାର ବାନ୍ଧବୀ ନ ଥିବେ, ତେବେ ବାହାଘର ପୂରା ମାନ୍ଦା ହେଇଯାଏ। ତେଣୁ ଯେଉଁ କନ୍ୟାଙ୍କର ବାନ୍ଧବୀ ନାହାନ୍ତି, ସେମାନେ ମନଦୁଃଖ କରିବାର ଆବଶ୍ୟକତା ନାହିଁ। କାରଣ ଆଜିକାଲି ଭଡ଼ାରେ ବାନ୍ଧବୀ ପାଇବାର ସୁବିଧା ଉପଲବ୍ଧ ହେଲାଣି। ସେମାନେ କନ୍ୟାଙ୍କ ବାନ୍ଧବୀ ସାଜି ବାହାଘରକୁ ଯାଇ ଏକ ଖୁସିର ମାହୋଲ ତିଆରି କରିବେ। ଆଉ ତା' ବଦଳରେ ପାଇବେ ମୋଟା ଅଙ୍କର ଅର୍ଥ। ତା'ସହ ବିବାହରେ ପିନ୍ଧିବା ପାଇଁ ସୁନ୍ଦର ସୁନ୍ଦର ପୋଷାକ ବି ମିଳିବ। ଏବେ ଆମେରିକାରେ ଏହି ଚଳଣି ଆରମ୍ଭ ହୋଇଛି।

## କାର୍ଟୁନ କର୍ନର



# ଦେଇଥିଲେ ପାଇ

ଓଁଅଭିଜ୍ଞାନ ସାହୁ

**କା**ଳୀ ପୂଜାରେ ଗାଡି ପୂଜା କଲେ କାଳେ କେଉଁଠି ବାଡେଇ ହେବନି କି କାହାକୁ ବାଡେଇ ଦେବନି। ମନ୍ଦିରରେ ମୁଁ ମୋ ନୂଆ ଗାଡ଼ି ପୂଜା କରେଇ ଚକା ତଳେ ଲେମ୍ବୁ ରଖି ରିଷ୍ଟ ଖଣ୍ଡନ କରିଥିଲି । ଦୁର୍ଘଟଣା ହେଲାନି ସିନା ହେଲେ ମେସିନ ଏମିତି ଦଗା ଦେଲା ଯେ କମ୍ପାନୀର ଗ୍ୟାରେଜକୁ ଦୌଡ଼ି ଦୌଡ଼ି ମଣିଷ ବେହାଲ। ମୁଁ କି ଜାଣିଥିଲି, ଗାଡି ରଖିଲେ କାଳୀଙ୍କ ସହ ବିଶ୍ୱକର୍ମାଙ୍କୁ ବି ପୂଜା ଭୋଗରେ ଶାନ୍ତି କରିବାକୁ ପଡେ। ଯେନ ତେନ ପ୍ରକାରେ ଯୋଗାଡ଼ଯନ୍ତ୍ର କରି ଗାଡିକୁ ଗ୍ୟାରେଜରୁ ବହାର କରିବାର ମାସେ ବି ବିତିନି, ଗୋଟେ ଅଫିସ ପାଖରେ ଗାଡି ରଖି ଭିତରକୁ ଯାଇ ଫେରି ଦେଖେ ତ ଗାଡି ନାହିଁ । ମନ ଦୁଃଖରେ ଖାଲି ହେଲମେଟ୍ ଧରି ଫେରୁଛି ଯୋଗକୁ ପୂଜା କରିଥିବା ମନ୍ଦିର ନନା ଦେଖାହେଲେ। ମୁଣ୍ଡକୁ ପିତ୍ତ ଉଠିଗଲା। ନନାଙ୍କୁ କହିଲି, 'କେମିତିକା ପୂଜା କଲ ଭାଇନା ମଣିଷ ଗାଡି ସୁଖ ଚାରି ପାଞ୍ଚ ମାସ ପାଇଲା ନାହିଁ ? ମୋ କଥା ଦେହକୁ ନ ନେଇ ନନା କହିଲେ 'ଗାଡିର ଇନ୍ସୁରାନ୍ସ କରିଛ ?' କେତେ ଟଙ୍କାର ପ୍ରିମିଅମ ?

-- ଦୁଇ ହଜାର ଟଙ୍କା ।

-- ମୋତେ ଭୋଗ ଲାଗେଇବାକୁ କେତେ ଦେଇଥିଲ ?

-- ଏକୋଇଶ୍ ଟଙ୍କା

-- ଆଉ ଠାକୁରାଣୀଙ୍କୁ ?

--ନଡ଼ିଆ, ପୂଜା କଦଳୀ, ଚିନି କୋରା ମିଶେଇ ତିରିଶ ଟଙ୍କାର ଭୋଗ ।

ମୋ ଉତ୍ତର ଶୁଣି ନନା କହିଲେ –'କିହୋ ବାବୁ, ଆଜି କାଲି ପିଅନକୁ ଶହେ ଟଙ୍କା ଦେଲେ ସେ ମୁହଁ ମୋଡି ଦେଉଛି । ଆଉ ତୁମେ ଭାବିଛ ମା' ତୁମର ତିରିଶ ଟଙ୍କାର ଭୋଗ ଖାଇଛନ୍ତି ମାନେ ତୁମ ଗାଡିକୁ ଗୋଡେ ଗୋଡେ ଜଗିଥାନ୍ତେ ! ତୁମର ବଡ଼ ରିଷ୍ଟ କଟିଗଲା ଜାଣ । ଜୀବନ ଯିବା ଜାଗାରେ ଗାଡି ଚାଲିଗଲା । ଏକୋଇଶ ଟଙ୍କାରେ ତୁମ ଜୀବନ ବଞ୍ଚେଇଲି ପୂଜାରେ ଆଉ କଣ ତୁମକୁ ଟାଟା କମ୍ପାନୀ ମାଲିକ କରେଇ ଦେଇଥାନ୍ତି ? ଯିଏ ତୁମର ଦୁଇ ହଜାର ଟଙ୍କା ନେଇଛି ସେଠିକି ଯାଅ । ତୁମ ଲକ୍ଷେ ଟଙ୍କିଆ ଗାଡି କଥା ସେ ବୁଝିବେ । ଦେଖ ତୁମର ମହାଦଶା ପଡିଛି । ମା'ଙ୍କ ପାଖରେ ସାତ ଶନିବାର ମାନସିକ କର । କିଛି ପୂଜା ପାଠ ଦରକାର ହେବ । ଚାରି ପାଞ୍ଚ ହଜାର ଭିତରେ ଲାଗିବ ।' ଗାଡି ଚୋରି ପରେ ମୁଣ୍ଡ ଗରମ ଥିଲେ ବି ନନାଙ୍କ କଥା ମୋତେ ଯୁକ୍ତିଯୁକ୍ତ ଲାଗିଲା। ସକାଳେ ଖବରକାଗଜରେ ଗୋଟେ ବିଜ୍ଞାପନ ଦେଖିଥିଲି। ସହରକୁ ଜଣେ ଚଣ୍ଡୀ ସାଧକ ବଙ୍ଗାଳି ବାବା ମାତ୍ର ପାଞ୍ଚ ଶହ ଟଙ୍କାରେ ଜମି ବିବାଦ, ପ୍ରେମ ବଶୀକରଣ, ଦାମ୍ପତ୍ୟ କଳହ, ଦିୱାନି ମାମଲା ଇତ୍ୟାଦି ସବୁର ଗ୍ୟାରେଣ୍ଟି ସମାଧାନ ଗୋଟିଏ ସପ୍ତାହରେ କରୁଛନ୍ତି। କହିଲି ନାନାଙ୍କୁ, 'ଆପଣ ତ ଗ୍ୟାରେଣ୍ଟି ଦେଉନାହାନ୍ତି ଖର୍ଚ୍ଚରେ କିଛି ଡିସ୍କାଉଣ୍ଟ କରନ୍ତୁ ଭାଇନା' ନନା କହିଲେ – 'ଜାଣିଲ ପୁଅ ତୁମର ଏହି କାଙ୍ଗାଳିଆ ନୀତି ଯୋଗୁଁ ତୁମେ ଉଧେଇ ପାରୁନ । କାଳୀପ୍ରସାଦ ବାବୁଙ୍କ ନାଁ ଶୁଣିଛ ? ଏଇ ଯେଉଁ ମେଇନ



ରୋଡ଼ ଦେଖୁଛ ଏଇଟା ସେହି କଣ୍ଟ୍ରାକ୍ଟର କାଳୀପ୍ରସାଦ ବାବୁ କରିଛନ୍ତି । ଗାଁରୁ ଭଙ୍ଗା ସ୍କୁଟର ଚଢି ଆସିଥିଲେ। ମା'ଙ୍କ ପାଖରେ ଗୁହାରି କଲେ, ମା' ମୋତେ ମୁନିସିପାଲିଟି ରାସ୍ତା କାମର ଟେଣ୍ଡର ମିଳିଲେ ମନ୍ଦିର ତୋଳିଦେବି। ଆଗରୁ ଏଠି ମା'ଙ୍କ ଗୁମୁଟି ମନ୍ଦିର ଥିଲା। ଖରା ବର୍ଷା ଖାଇ ଭାରି ହୀନିମାନି ଭାବେ ପଡିଥିବା ମା' ତାଙ୍କ ଗୁହାରୀ ଶୁଣିଲେ। ସେ ରାସ୍ତା କାମର ଟେଣ୍ଡର ପାଇଲେ। ଗୁମୁଟି ମନ୍ଦିରର ମା'ଙ୍କ ପାଇଁ ସୁନ୍ଦର ମନ୍ଦିର ତୋଳିଦେଲେ । ମା'ଙ୍କ ଭରସା ପାଇଲା । ଭକ୍ତ ସଚ୍ଚୋଟ ଅଛି । କଥା ଦେଇ କଥା ରଖିଛି। ମା'ଙ୍କ ଦୟା କୁଢେଇ ହୋଇ ଗଲା ପଛକୁ ପଛ। ଗୋଟିଏ ବର୍ଷାରେ କୋଟିଏ ଟଙ୍କାର ରାସ୍ତା ଧୋଇ ହେଇଗଲା। କାଳୀ ପ୍ରସାଦ ବାବୁ ପୁଣି ଟେଣ୍ଡର ପାଇ ରାସ୍ତା ଆଉ ଥରେ ତିଆରି କଲେ। ମନ୍ଦିର ଯାକ ଯେତେ ମାର୍ବଲ ଲାଗିଛି ସବୁ ସେଇ ବର୍ଷ ସେ ଲଗେଇଥିଲେ। ଦିନେ ଘର ଭଡା ଦେଇପାରୁ ନ ଥିବା କାଳୀବାବୁଙ୍କ ଆଜି ଦେଖ ରାଜ ଉଆସ। ମାଆ ଭାରି ପ୍ରତ୍ୟକ୍ଷ ଓ ଦୟାଳୁ। କୋଟି କୋଟି ଟଙ୍କା ଖର୍ଚ୍ଚ କରି ରାସ୍ତା ତିଆରି କଲେ ବି ପ୍ରତିବର୍ଷ ରାସ୍ତାରୁ ପିଚୁ ଉଠି ଗାତ ହେଇଯାଉଛି । ପ୍ରତି ବର୍ଷ ରାସ୍ତା ତିଆରି ଚାଲିଛି, ପ୍ରତିବର୍ଷ ରାସ୍ତା ଖରାପ ହେଉଛି , ପ୍ରତିବର୍ଷ ମା'ଙ୍କ ମନ୍ଦିର ସହ କାଳୀ ବାବୁଙ୍କ ଉନ୍ନତି ହେବାରେ ଲାଗିଛି। ଆଉ ତୁମେ ଯେ ଦାନ ବାକ୍ସରେ ଟଙ୍କିକିଆ କଏନ ପକେଇଲାବେଳେ ଦୁଇଥର ଦେଖିବ । ସେଥିରେ ଲକ୍ଷେ ଟଙ୍କାର ଆଶିଷ ମାଗିବ ! ତୁମ ସାହିର ରମାକୁ ଜାଣିଛ ତ ? ତା ଚୋରା ମଦ ଭାଟିରେ ଦିନେ ଅବକାରୀ ବିଭାଗ ଚଢ଼ାଉ ହେଲା । ରମା ହାତ ଯୋଡି ମା'ଙ୍କୁ ସ୍ମରଣ କଲା 'ମା' ଗୋ ମୋତେ ଏ ବିପଦରୁ ରକ୍ଷା କରିଦେ ମୁଣ୍ଡକୁ ସୁନା ମୁକୁଟ ଦେବି ।' ମା'ଙ୍କ ମହିମା ଜାଣ, ଅବକାରୀ ବିଭାଗ ବାଲା ଲେଖିକି ଦେଲେ ଭୁଲରେ ସେମାନେ ଫିନାଇଲ କାରଖାନାକୁ ମଦ ଭାଟି ଭାବି ଚଢ଼ାଉ କରିଥିଲେ। ଅବକାରୀ ବାଲା ଯେମିତି ଖୁସି ଖୁସି ଆସିଥିଲେ ସେମିତି ଖୁସି ଖୁସି ଫେରିଗଲେ। ଆଜି ମା'ଙ୍କ ମୁଣ୍ଡରେ ଯେଉଁ ସୁନା ମୁକୁଟ ଝଲକୁଛି ସେଇଟା ସେଇ ରମା ଦେଇଛି। ଯେମିତି ଦେବୁ ସେମିତି ପାଇବୁ। ବନ୍ଧୁ ମହାନ୍ତି, ସାଲବେଗ, ଦାସିଆ ବାଉରୀ ଖାଲି ଭକ୍ତି କଲେ । ବଦଳରେ ପ୍ରଭୁଙ୍କ ଭଲ ପାଇବା ପାଇଲେ । କେହି ଟଙ୍କା, ସୁନା, ଜମିଦାରୀ ପାଇଥିବା ଶୁଣିଛ ? ତଥାପି କ'ଣ ଭାବି ନନା କହିଲେ, ତୁମେ ଅଭାବୀ ଲୋକ। ତୁମଠୁ ଦକ୍ଷିଣା ନେଇଛି। ସାହାଯ୍ୟଟେ କରିଦେବି। ଆଜି ସନ୍ଧ୍ୟା ଆଳତି ସମୟରେ ଆସିବ। ତୁମ ଗାଡି ଯିଏ ଚୋରି କରିଛି ସେ କେମିତି ଭକ୍ତିରେ ପଚାଶ ଟଙ୍କିଆ ସରା ଦୀପ ମା' ଙ୍କ ପାଖରେ ଜାଳି ସିନ୍ଦୁର ଟିପା ଲଗେଇ ସାଷ୍ଟାଙ୍ଗ ପ୍ରଣାମ କରୁଛି ଦେଖିବ। ସେ ଆମ ମନ୍ଦିରର ସବୁଦିନିଆ ନାଗୁଆ ଭକ୍ତ, ମାଆଙ୍କ ଆଶ୍ରିତ । ଆଜି ଯାଏଁ ପୁଲିସି ତା' ଟେର୍ ପାଉ ନାହାନ୍ତି । ମୋ କଥା ସେ ରଖିବ । ଆଳତି ପରେ ମନ୍ଦିର ବେଢାରେ ବସି ଫାଇନାଲ କରିଦେବି । ଗାଡି ନେଇ ଘରକୁ ଯିବ । ପୋଲିସ, ଇନ୍ସୁରାନ୍ସ କମ୍ପାନୀ ପଛରେ ଧାଇଁ ବୁଢା ହେଇଯିବ ପଛେ ଗାଡି କି ଟଙ୍କା ପାଇବ ନାହିଁ। ମୋତେ କିଛି ଦରକାର ନାହିଁ । ତୁମେ ଖୁସିରେ ଯାହା ଦେବ ସେଇ ମା'ଙ୍କ ମନ୍ଦିର ପାଇଁ ଦେବ। ସବୁ ସେଇ ମା'ଙ୍କ କରୁଣା।' ନନାଙ୍କ କଥା ଶୁଣି ଲାଗୁଥିଲା ଯେମିତି ମା' କାଳୀଙ୍କ ହସ୍ତରେ ମୋ କଟା ମୁଣ୍ଡ ଝୁଲୁଛି ।

*–ବନମାଳୀ ଭବନ, ଖାନ୍‌ନଗର, କଟକ*

*ମୋ:୯୪୩୭୦୧୦୭୫୮*

## ପୁସ୍ତକ ସମୀକ୍ଷା

### ଉଜୁଡ଼ାଘରର କଥା

**ଲେଖକ–ଡ. ହେମନ୍ତ କୁମାର ଛୋଟରାୟ**
**ପ୍ରକାଶକ–ପକ୍ଷୀଘର ପ୍ରକାଶନୀ, ଭୁବନେଶ୍ୱର**
**ମୂଲ୍ୟ–୧୮୦ ଟଙ୍କା**

**ଉ**ଜୁଡ଼ାଘରର କଥା ହେମନ୍ତ ଛୋଟରାୟଙ୍କ ଗପ ବହି। ଜଣେ ଶିଶୁ ସାହିତ୍ୟିକ ଭାବେ ପାଠକଙ୍କ ନିକଟରେ ସେ ବେଶ୍ ପରିଚିତ। ବହିଟିରେ ଅଛି ୧୫ଟି ବଡ଼ ଗପ ଓ ୧୮ଟି ଛୋଟ ଗପ। ଗପଗୁଡ଼ିକ ପଢ଼ିଲେ ମନେହେବ ସବୁ ନିଜ ଘର ଓ ଆପଣା ମଣିଷମାନଙ୍କର କଥା। ଉଜୁଡ଼ାଘରର ଗପରେ ଗୌରୀର ପର୍ସରୁ ଟଙ୍କା ଚୋରି ହୋଇଛି। ସେ ଟଙ୍କାରେ ମଦପିଆ ହୋଇ ଘର ଉଜୁଡ଼ି ଯାଉଛି। ଚମ୍ପା ଓ ଗୌରୀ ଏହାକୁ ଘୋର ବିରୋଧ କରୁଛନ୍ତି। ନିଜ ଉଜୁଡ଼ାଘର ସଜାଡ଼ିବା ସଙ୍ଗେ ସଙ୍ଗେ ଆଉ କାହା ଘର ଉଜାଡ଼ିବାକୁ ଦେବୁ ନାହିଁ ବୋଲି ଶପଥ ନେଉଛନ୍ତି। ଅତି ସୁନ୍ଦର ଭାବେ ସେ ଗପଗୁଡ଼ିକୁ ଅବତାରଣା କରିଛନ୍ତି। ମଧ୍ୟବିତ୍ତ ପରିବାରର ଶୃଙ୍ଖଳା, ଡର, ନମନୀୟତା, ଅଭାବୀପଣ, ଭଲପାଇବା ଓ ଅବିସ୍ମରଣୀୟ ଅତୀତକୁ ଭେଟିବେ ହେମନ୍ତଙ୍କ ସବୁ ଗପରେ। ଚଳନ୍ତି ଓଡ଼ିଆ ଗପ ଧାରାରେ ଗାଳ୍ପିକ ଯୋଡ଼ିଛନ୍ତି ଏକ ନୂଆ ଅଧ୍ୟାୟ। ପୁସ୍ତକଟି ନିଶ୍ଚୟ ପାଠକାଦୃତି ଲାଭ କରିବ ଏଥିରେ ଦ୍ୱିମତ ହେବାର ନାହିଁ।




### ଉପାସନା

**ଲେଖିକା–ସୋନାଲି ଗଡ଼ନାୟକ**
**ପ୍ରକାଶକ–ଜ୍ଞାନଯୁଗ ପବ୍ଲିକେଶନ,**
**ଭୁବନେଶ୍ୱର, ମୂଲ୍ୟ–୧୨୦ ଟଙ୍କା**

**ଉ**ପାସନା ସୋନାଲି ଗଡ଼ନାୟକଙ୍କ ଉପନ୍ୟାସ। ଉପାସନା ଚରିତ୍ରକୁ ଉପନ୍ୟାସରେ ସେ ନାୟିକା ଭାବେ ଗ୍ରହଣ କରିଛନ୍ତି। ତାହାର ତ୍ୟାଗ, ସମର୍ପଣ ଭାବ ଯୋଗୁ ସେ ଜଣେ ଶ୍ରେଷ୍ଠ ନାରୀ ଭାବେ ଚରିତ୍ରରେ ଅବତୀର୍ଣ୍ଣ ହୋଇପାରିଛି। ପଥଭ୍ରାନ୍ତ ସ୍ୱାମୀଙ୍କୁ ସତ୍‌ପଥକୁ ଆଣିବାକୁ ଉପାସନା କେତେ କଷ୍ଟ ସ୍ୱୀକାର କରିଛି ତାହା ଉପନ୍ୟାସରେ ପ୍ରତିଫଳିତ। ସ୍ୱାମୀଙ୍କୁ ବଞ୍ଚାଇବାକୁ ନିଜର ସର୍ବସ୍ୱ ତ୍ୟାଗ କରିଛି। ଶେଷରେ ସେ ଜୀବନ ଯୁଦ୍ଧରେ ହାରିଯାଇଛି। ନାରୀ ତ୍ୟାଗମୟୀ, ଶକ୍ତିମୟୀ ଏବଂ ଜଗଜ୍ଜନନୀ। ତିଳ ତିଳ ହୋଇ ସମର୍ପିତା ହୁଏ ବାପା, ଭାଇ, ସ୍ୱାମୀ ଏବଂ ସନ୍ତାନ ନିମନ୍ତେ। ସୋନାଲି ଯେଉଁ 'ଉପାସନା' ସୃଷ୍ଟି କରିଛନ୍ତି ତାହା ବାସ୍ତବରେ ସ୍ୱାଗତଯୋଗ୍ୟ। ତାଙ୍କ ଲେଖନୀ ଆହୁରି ଅଧିକରୁ ଅଧିକ ଉପନ୍ୟାସ ସୃଷ୍ଟି କରୁ ଏହାହିଁ ଆଶା। ପୁସ୍ତକଟି ନିଶ୍ଚୟ ପାଠକଙ୍କ ମନ ଜିଣିବ ସନ୍ଦେହ ନାହିଁ।




### ବିଥୋଭାନଙ୍କ ପଞ୍ଚମ ସିମ୍ଫୋନି

**ଲେଖକ–ଅରବିନ୍ଦ ଦାସ, ପ୍ରକାଶକ–ବିଦ୍ୟା ପବ୍ଲିଶିଙ୍ଗ୍**
**ଟରୋଣ୍ଟୋ, କାନାଡ଼ା, ମୂଲ୍ୟ–୧୯୦ ଟଙ୍କା**

**ବି**ଥୋଭାନଙ୍କ ପଞ୍ଚମ ସିମ୍ଫୋନି ଗାଳ୍ପିକ ଅରବିନ୍ଦ ଦାସଙ୍କ ଗପ ପୁସ୍ତକ। ଏଥିରେ ୩୩ଟି ଗପ ପ୍ରକାଶ ପାଇଛି। ୨୫ ନଂ. ରେ ଥିବା ଗପ ହେଉଛି ବିଥୋଭାନଙ୍କ ପଞ୍ଚମ ସିମ୍ଫୋନି। ଯାହାକୁ ନେଇ ପୁସ୍ତକଟିର ନାମକରଣ କରାଯାଇଛି। ବିଥୋଭାନ ୧୭୭୦ରେ ଜନ୍ମଗ୍ରହଣ କରିଥିବା ଜର୍ମାନୀର ଜଣେ ପ୍ରସିଦ୍ଧ ପିଆନୋ ବାଦକ। ପଞ୍ଚମ ସିମ୍ଫୋନି କଥାକୁ ଗାଳ୍ପିକ କିପରି ଅତୁଲ, ସୁଷମା, ସେଲିନା ଆଉ ତୃପ୍ତି ମାଧ୍ୟମରେ ଚମତ୍କାର ଭାବେ ଚରିତ୍ର ଚିତ୍ରଣ କରିଛନ୍ତି ତାହା ପାଠକଙ୍କୁ ନିଶ୍ଚୟ ବାନ୍ଧି ରଖିବ। ଚଳତ୍ ଦୃଷ୍ଟିଶକ୍ତିହୀନ ଜଣେ ପିଲାକୁ ପିଆନୋର ସ୍ୱର କିଭଳି ବିଭୋର କରୁଛି, ତାହା ଅରବିନ୍ଦ ଗପ ମାଧ୍ୟମରେ ଫୁଟାଇଛନ୍ତି। ଆଧୁନିକ ଓଡ଼ିଆ କଥା ସାହିତ୍ୟର ଏକ ନୂତନ ଚିନ୍ତା ଓ ଚେତନାର କଥାଶିଳ୍ପୀ ଭାବେ ଅରବିନ୍ଦ ଅନନ୍ୟ। ବର୍ତ୍ତମାନ ସମୟରେ ଚିତ୍ର ଓ ଚରିତ୍ରକୁ ପାଠକଙ୍କ ସମ୍ମୁଖରେ ଉପସ୍ଥାପିତ କରିବାରେ ସେ ଧୂରୀଣ। ବିଶେଷ ଭାବେ ଜଣେ ଗାଳ୍ପିକ ହିସାବରେ ତାଙ୍କ ବର୍ଣ୍ଣନା ଶୈଳୀର ସରସତା ଓ ସାବଲୀଳତା ସ୍ୱତନ୍ତ୍ର। ପୁସ୍ତକଟି ସମକାଳ ଗଳ୍ପ ସୃଜନର ଏକ ନବ ମୂଲ୍ୟାୟନ ଏହା ନିଃସନ୍ଦେହ ।





# ଦୁଃସାହସିକ ମାଇକ୍

ଦୁନିଆରେ ନିଜର ପରିଚୟ ତିଆରି କରିବା, ନାଁ କମେଇବା ପାଇଁ କିଏ ବା କ'ଣ ନ କରନ୍ତି! ହେଲେ ପ୍ରସିଦ୍ଧ ହେବା, ଚର୍ଚ୍ଚାରେ ରହିବା ଆଦୌ ସହଜ ନୁହେଁ। ସେଇଥିପାଇଁ ତ ଲୋକେ ଜୀବନକୁ ବାଜି ଲଗାଇବାକୁ ବି ପଛାନ୍ତି ନାହିଁ। ଠିକ୍ ଯେମିତି ୱାର୍ଲଡ ରେକର୍ଡ କରି ପ୍ରସିଦ୍ଧି ହାସଲ କରିବା ପାଇଁ ବ୍ରିଟେନ୍‌ର ମାଇକ୍ ହାୱାର୍ଡ ନାମକ ଜଣେ ବ୍ୟକ୍ତି କରିଛନ୍ତି ଏମିତି ଏକ ବିପଜ୍ଜନକ କାମ, ଯାହା ସମ୍ପର୍କରେ ଜାଣିଲେ ଦେହ ଶୀତେଇ ଉଠିବ। ଭୂମିଠାରୁ ୨୧,୪୦୦ ଫୁଟ ଉଚ୍ଚତାରେ ସମାନ୍ତରାଳ ଭାବରେ ଉଡୁଥିଲା ଦୁଇଟି ହଟ୍ ଏୟାର୍ ବେଲୁନ୍। ମାଇକ୍ ଗୋଟିଏ ହଟ୍ ଏୟାର୍ ବେଲୁନ୍‌ରୁ ଅନ୍ୟ ହଟ୍ ଏୟାର୍ ବେଲୁନ୍‌କୁ ଏକ ପତଳା ବିମ୍ ଉପରେ ଚାଲି ଚାଲି ପହଞ୍ଚିଥିଲେ। ଆଉ ସବୁଠୁ ବଡ଼ ଆଶ୍ଚର୍ଯ୍ୟର କଥା ହେଉଛି ଏତେ ଉଚ୍ଚତାରେ ଥିବା ଏହି ବିମ୍ ଉପରେ ସେ ଆଖିରେ ପଟି ବାନ୍ଧି ଚାଲି ଚାଲି ପାର୍ ହୋଇଥିଲେ। ଇଂଲଣ୍ଡର ୟେଓଭିଲ୍ ଅଞ୍ଚଳରେ ସେ ଏହି ଦୁଃସାହସିକ କାର୍ଯ୍ୟ କରି ରେକର୍ଡ କରିଛନ୍ତି। ଏହାର ଭିଡିଓ ରାତାରାତି ଭାଇରାଲ ହୋଇଯାଇଥିଲା।

ବ୍ୟାକ୍ ପେଜ୍







# ଫୁଲ ପରି ବନ୍ଧାକୋବି



ବନ୍ଧାକୋବି ଖାଇବାକୁ କିଏ ପସନ୍ଦ କରନ୍ତି ତ ଆଉ କିଏ ନୁହେଁ। କିନ୍ତୁ ଏମିତି ଏକ ପ୍ରକାରର ବନ୍ଧାକୋବି ଅଛି, ଯାହାକୁ ଦେଖୁ ଦେଖୁ ଭଲ ପାଇବସିବେ। କାରଣ ତାହା ଦେଖିବାକୁ ଏତେ ସୁନ୍ଦର ଯେ, ତା' ଉପରୁ ନଜର ହଟେଇ ହେବ ନାହିଁ। ରଙ୍ଗିନ୍ ସୁନ୍ଦର ଫୁଲ ପରି ଦେଖିବାକୁ ଏହି ବନ୍ଧାକୋବି। କିଛି କିଛି ତ ବଡ଼ ବଡ଼ ଗୋଲାପ ଫୁଲ ପରି ଲାଗେ। ଏହି ସ୍ୱତନ୍ତ୍ର ଧରଣର ବନ୍ଧାକୋବି ଅର୍ନାମେଣ୍ଟାଲ କାବେଜ୍ ଭାବେ ପରିଚିତ। ଜାପାନ ହେଉଛି ଏହାର ଜନ୍ମସ୍ଥାନ। ଏହି ଅର୍ନାମେଣ୍ଟାଲ କାବେଜ୍ ସାଧାରଣତଃ ଦୁଇ ପ୍ରକାରର। ଅର୍ନାମେଣ୍ଟାଲ କାବେଜ୍ ଓ ଅର୍ନାମେଣ୍ଟାଲ କେଲ୍। ଅର୍ନାମେଣ୍ଟାଲ କାବେଜ୍‌ର ପତ୍ର ବଡ଼ ଏବଂ ଓସାରିଆ। କିନ୍ତୁ ଅର୍ନାମେଣ୍ଟାଲ୍ କେଲ୍‌ର ପତ୍ର ଅଧିକ କୁଞ୍ଚୁକୁଞ୍ଚିଆ, ସେଥିରେ ଡିପ୍ କଟ୍ ଥାଏ। ଉଭୟ ଅର୍ନାମେଣ୍ଟାଲ କାବେଜ୍ ଓ କେଲ୍ ବାଇଗଣୀ, ଧଳା ଓ ଗୋଲାପୀ ଭଳି ତିନୋଟି ରଙ୍ଗରେ ଦେଖିବାକୁ ମିଳେ। ଏହା ଥଣ୍ଡା ଜଳବାୟୁରେ ଭଲ ବଢ଼ିଥାଏ। ତେବେ ଦେଖିବାକୁ ଖୁବ୍ ସୁନ୍ଦର ହେଲେ ହେଁ ଏହା ସାଧାରଣ ବନ୍ଧାକୋବି ପରି ଏତେ ସ୍ୱାଦିଷ୍ଟ ନୁହେଁ। ପ୍ରାୟତଃ ପିତା ଲାଗେ। ତେଣୁ ଏହାକୁ କେବଳ ଖାଦ୍ୟ ସଜାଇବା ପାଇଁ ଅଧିକ ବ୍ୟବହାର କରାଯାଏ। ଯଦିଓ ଦୁଇ ଥର ସିଝାଇ ଏହାର ପିତା ଅଂଶ କମ୍ କରି ଖାଇହେବ। ତେବେ ଅର୍ନାମେଣ୍ଟାଲ କାବେଜ୍‌ର ଟୋକିଓ ଭେରାଇଟି ସ୍ୱାଦିଷ୍ଟ ହୋଇଥାଏ। ସେ ଯାହାବି ହେଉ, ଏହାକୁ ବଗିଚାରେ ଲଗାଇଲେ ଯେ ଘରର ଶୋଭା ବଢ଼ିବ ସେଥିରେ ଦ୍ୱିମତ ନାହିଁ।






# ଆଇସ୍‌କ୍ରିମ ସମାଧିପୀଠ

ମଣିଷ ଶେଷନିଃଶ୍ୱାସ ତ୍ୟାଗ କଲା ପରେ ତାଙ୍କ ସ୍ମୃତିଚାରଣ ପାଇଁ ତିଆରି କରାଯାଇଥାଏ ସମାଧିପୀଠ। ତେବେ ଜାଣନ୍ତି କି ଏମିତି ଏକ ଅଜବ ସମାଧିପୀଠ ଅଛି, ଯେଉଁଠି ମଣିଷ କି ପ୍ରାଣୀ ନୁହନ୍ତି ବରଂ ଆଇସ୍‌କ୍ରିମ୍ ଫ୍ଲେଭର୍‌କୁ ପୋତାଯାଇଥାଏ। ଏହି ସମାଧିପୀଠ 'ଫ୍ଲେଭର୍ ଗ୍ରେଭୟାର୍ଡ'ଭାବେ ପରିଚିତ। ପ୍ରସିଦ୍ଧ ଆଇସ୍‌କ୍ରିମ୍ ବ୍ରାଣ୍ଡ 'ବେନ୍ ଆଣ୍ଡ ଜେରୀ' ଏହି ସମାଧିପୀଠରେ ବିଭିନ୍ନ ଆଇସ୍‌କ୍ରିମ୍ ଫ୍ଲେଭରକୁ ସମାଧି ଦେଇଛି। ତେବେ ଏଠାରେ ସେହି ଆଇସ୍‌କ୍ରିମ୍ ଫ୍ଲେଭର୍‌କୁ ପୋତାଯାଇଛି, ଯାହା ବନ୍ଦ ହୋଇଗଲାଣି। ଯେଉଁମାନେ ଆଜି ବି ସେହି ଫ୍ଲେଭରକୁ ଭୁଲିନାହାନ୍ତି ଓ ତାକୁ ମନେପକାଉଛନ୍ତି, ସେମାନେ ଯାଇ ସେଠାରେ ତାକୁ ମନେପକାଇ ଲୁହ ବୁହାଇପାରିବେ ଆଉ ଶ୍ରଦ୍ଧାଞ୍ଜଳି ଦେଇପାରିବେ। ବେନ୍ ଆଣ୍ଡ ଜେରୀର ନିକୋଲସ୍ ସିମ୍‌ସନ୍ କୁହନ୍ତି, 'ଏହି ଫ୍ଲେଭର ଗ୍ରେଭୟାର୍ଡ ୩୦ବର୍ଷ ପୂର୍ବେ ଅନ୍‌ଲାଇନ୍ ଆରମ୍ଭ ହୋଇଥିଲା। ପରେ ୧୯୯୭ରେ ଆମେରିକାସ୍ଥ ୱାଟରବରି ପ୍ଲାଣ୍ଟରେ ଏହାକୁ ଅସଲ ରୂପରେ ଆରମ୍ଭ କଲୁ। ପ୍ରଥମେ ୪ଟି ଫ୍ଲେଭରର ସମାଧିରୁ ଏହା ଆରମ୍ଭ ହୋଇଥିଲା। ଏବେ ଏହାର ସଂଖ୍ୟା ୩୫କୁ ଛୁଇଁଲାଣି।' ଏହି ସମାଧିପୀଠ ସମ୍ପର୍କରେ ଜାଣିବାପରେ ଏବେ ଆଉ କେହି କହିବେନି ଯେ, କୌଣସି ଆଇସ୍‌କ୍ରିମ୍ ଫ୍ଲେଭର ବନ୍ଦ ହେବା ଏକ ଛୋଟିଆ କଥା ବୋଲି।